ଓଡ଼ିଶା ସରକାର

# ମହିଳା ଓ ଶିଶୁ ବିକାଶ ବିଭାଗର
# କାର୍ଯ୍ୟାବଳୀ ବିବରଣୀ
# ୨୦୦୮-୦୯

ମହିଳା ଓ ଶିଶୁ ବିକାଶ ବିଭାଗ

# ୨୦୦୮-୦୯ ବର୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗର କାର୍ଯ୍ୟାବଳୀର ବିବରଣୀ

ରାଜ୍ୟ ସରକାରଙ୍କ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମମାନ ପଞ୍ଚାୟତିରାଜ ବିଭାଗ ଦ୍ୱାରା ପରିଚାଳିତ ହେଉଥିଲା । ଏହି କାର୍ଯ୍ୟକ୍ରମମାନ ତଦାରଖ କରିବା ପାଇଁ ତା ୧.୪.୧୯୯୫ ରିଖଠାରୁ ମହିଳା ଓ ଶିଶୁ ବିକାଶ ବିଭାଗ ଗଠିତ ହୋଇଛି ।

ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧାହ୍ନ ଭୋଜନ ଯୋଜନା, ଜରୁରୀକାଳୀନ ଯୋଜନା, ମହିଳା କଲ୍ୟାଣ, ଶିଶୁ କଲ୍ୟାଣ, ବିକଳାଙ୍ଗମାନଙ୍କ କଲ୍ୟାଣ ଏବଂ ବୃଦ୍ଧ ଓ ଦରିଦ୍ରମାନଙ୍କ କଲ୍ୟାଣ କାର୍ଯ୍ୟକ୍ରମ ଗୁଡ଼ିକ ଏହି ବିଭାଗ ଉପରେ ନ୍ୟସ୍ତ କରାଯାଇଛି । ଏହି ବିଭାଗର କାର୍ଯ୍ୟକ୍ରମକୁ ମୁଖ୍ୟତଃ ୫ ଭାଗରେ ବିଭକ୍ତ କରାଯାଇପାରେ :- ଶିଶୁମାନଙ୍କର ପୁଷ୍ଟି, ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରତିଷେଧକ କାର୍ଯ୍ୟକ୍ରମ, ଗର୍ଭବତୀ ମହିଳା ଓ ପ୍ରସୂତି ମାନଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ମହିଳାମାନଙ୍କର କଲ୍ୟାଣ, ଆର୍ଥିକ ବିକାଶ ଓ ସଶକ୍ତିକରଣ, ମହିଳା ଓ ଶିଶୁମାନଙ୍କର ଆଇନ୍‌ଗତ ସୁରକ୍ଷା, ବୃଦ୍ଧ ଓ ଦରିଦ୍ରମାନଙ୍କର କଲ୍ୟାଣ ଓ ଭିନ୍ନକ୍ଷମମାନଙ୍କ କଲ୍ୟାଣ କାର୍ଯ୍ୟକ୍ରମ ।

## ୧. ସମନ୍ୱିତ ଶିଶୁ ବିକାଶ ଯୋଜନା :-

୧୯୭୫ ମସିହାରେ ଓଡ଼ିଶାରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଲା । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୧୪ ବ୍ଲକ ଓ ୧୨ଟି ସହରାଞ୍ଚଳର ୬୦୯୧୮ ଅଙ୍ଗନୱାଡ଼ି କେନ୍ଦ୍ର ଓ ୧୦୨୧୬ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଏହା କାର୍ଯ୍ୟକାରୀ ହେଉଅଛି । ୧୯୭୫ ମସିହାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ନିମ୍ନଲିଖିତ ଲକ୍ଷ୍ୟ ନେଇ କାର୍ଯ୍ୟକାରୀ ହେଲା –

(୧) ଗର୍ଭବତୀ ମହିଳା, ସ୍ତନ୍ୟଦାତ୍ରୀ ମା ଓ ୬ ବର୍ଷରୁ କମ୍ ଶିଶୁମାନଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟର ଉନ୍ନତି । (୨) ଶିଶୁମାନଙ୍କର ଯଥାଯଥ ଶାରିରୀକ, ମାନସିକ ଓ ସାମାଜିକ ଅଭିବୃଦ୍ଧିର ଭିତ୍ତିଭୂମି ଗଠନ । (୩) ମୃତ୍ୟୁହାର, ବ୍ୟାଧିଗ୍ରସ୍ତତା, ଅପପୁଷ୍ଟି ଓ ଅଧାପାଠଛାଡ଼ ହ୍ରାସ କରିବା । (୪) ଶିଶୁ ବିକାଶ ନିମିତ୍ତ ବିଭିନ୍ନ ବିଭାଗ ମଧରେ ସମନ୍ୱୟ ରକ୍ଷା କରି ନୀତି ଏବଂ କାର୍ଯ୍ୟକ୍ରମ ଫଳପ୍ରଦ ରୂପାୟନ କରିବା। (୫) ଶିଶୁର ଯଥାଯଥ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ଆବଶ୍ୟକତାକୁ ଦେଖିବା ନିମିତ୍ତ ମା'ର ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା ସଂପର୍କିତ ଜ୍ଞାନ ବୃଦ୍ଧି କରିବା ।

ଏହି ଯୋଜନାରେ ୬ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଓ ସ୍ତନ୍ୟଦାତ୍ରୀ ମା ମାନଙ୍କୁ ୬ ଗୋଟି ସେବା ଯୋଗାଇ ଦିଆଯାଇଥାଏ । ଏଗୁଡ଼ିକ ହେଲା-

(କ) ପରିପୂରକ ପୁଷ୍ଟି (ଖ) ପ୍ରତିଷେଧକ ବ୍ୟବସ୍ଥା (ଗ) ସ୍ୱାସ୍ଥ୍ୟ ପରୀକ୍ଷା (ଘ) ପରାମର୍ଶ ସେବା (ଙ) ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ବନ୍ଧୀୟ ଶିକ୍ଷା (ଚ) ଅଣଆନୁଷ୍ଠାନିକ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ।

୨୦୦୮-୦୯ ମସିହାରେ କେନ୍ଦ୍ରିୟ ଯୋଜନାରେ ଏଥିପାଇଁ ୨୧୩.୧୨୧୬ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଥିଲା ।

**(କ) ପରିପୂରକ ପୁଷ୍ଟି :-** ୬ ମାସରୁ ୬ ବର୍ଷର ଶିଶୁ, ଗର୍ଭବତୀ ମହିଳା ଓ ସ୍ତନ୍ୟଦାତ୍ରୀ ମା' ମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିରେ ଉନ୍ନତି ଆଣିବା ପାଇଁ ପୁଷ୍ଟିକର ମାନଦଣ୍ଡ ଅନୁସାରେ ବର୍ଷକୁ ୩୦୦ ଦିନ ପରିପୂରକ ପୁଷ୍ଟି ଯୋଗାଣ କରାଯାଇଥାଏ । ଏହା କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଏବଂ ଏଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅଂଶ ୫୦:୫୦ । ୨୦୦୮-୦୯ ମସିହାରେ ଏହି ଯୋଜନାରେ ମୋଟ୍ ୪୮ ଲକ୍ଷ ୭୯ ହଜାର ୭୨୨ ଜଣ ଉପକୃତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୦ ଲକ୍ଷ ୭୪ ହଜାର ୩୪୨ ଜଣ ସ୍ୱାଭାବିକ, ସାମାନ୍ୟ ଓ ସ୍ୱଳ୍ପ ଅପପୁଷ୍ଟ ଶିଶୁ, ୩୬ ହଜାର ୧୧୮ ଜଣ ଅତ୍ୟନ୍ତ ଅପପୁଷ୍ଟ ଶିଶୁ ଏବଂ ୭ ଲକ୍ଷ ୬୯ ହଜାର ୨୬୨ ଜଣ ଗର୍ଭବତୀ ମହିଳା ଓ ସ୍ତନ୍ୟଦାତ୍ରୀ ମା । ଏହି ତିନି ବର୍ଗର ହିତାଧିକାରୀ ମାନଙ୍କୁ ଯଥାକ୍ରମେ ୨ଟଙ୍କା, ୨ଟଙ୍କା ୭୦ ପଇସା, ୨ ଟଙ୍କା ୩୦ ପଇସାର ଖାଦ୍ୟ ଯୋଗାଇ ଦିଆଯାଇଥାଏ । ଭାରତ ସରକାର ପଡ଼ି ମୂଲ୍ୟକୁ ଯଥାକ୍ରମେ ୪ଟଙ୍କା, ୬ ଟଙ୍କା ଓ ୫ ଟଙ୍କାକୁ ବୃଦ୍ଧି କରିଛନ୍ତି । ୨୦୦୯-୧୦ ବର୍ଷରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଏଥିପାଇଁ ୨୦୦୯-୧୦ ମସିହାରେ ୫୬୧ କୋଟି ଟଙ୍କାର ଆବଶ୍ୟକତା ଥିଲାବେଳେ ୨୦୦୯-୧୦ ବଜେଟ୍‌ରେ ୩୬୧ କୋଟି ୧୩ ଲକ୍ଷ ୫୪ ହଜାର ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି । ଅବଶିଷ୍ଟ ଅର୍ଥ ପ୍ରଥମ ସଂଶୋଧିତ ବଜେଟ୍ ଅଟକଳରେ ବ୍ୟବସ୍ଥା କରାଯିବା ପାଇଁ ପଦକ୍ଷେପ ନିଆଯିବ । ରାଜ୍ୟ ସରକାର ୨୭ଟି ଜିଲ୍ଲାର ୨୯୪ ଶିଶୁ ବିକାଶ ପ୍ରକଳ୍ପ ଅଧିନସ୍ଥ ୩୭ ହଜାର ୪୮୩ ଅଙ୍ଗନୱାଡ଼ି କେନ୍ଦ୍ର ଓ ୪୦୨୯ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ରନ୍ଧାଖାଦ୍ୟ ଦେଉଛନ୍ତି । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ୩ଟି କେବିକେ ଜିଲ୍ଲା କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିର ୩୨ ଟି ଶିଶୁ ବିକାଶ ପ୍ରକଳ୍ପର ୪୨୧୪ ଅଙ୍ଗନୱାଡ଼ି କେନ୍ଦ୍ର ଓ ୭୯୦ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଇଣ୍ଡିଆ ମିକ୍ସ ନାମକ ଶୁଖିଲା ଖାଦ୍ୟ ଯୋଗାଇ ଦେଉଛନ୍ତି ।

**(ଖ) ପ୍ରତିଷେଧକ ବ୍ୟବସ୍ଥା :-** ଗର୍ଭବତୀ ମହିଳାମାନଙ୍କୁ ଟିଟାନସ ଓ ଶିଶୁ ମାନଙ୍କୁ ପୋଲିଓ, ଡ଼ିପ୍‌ଥେରିଆ, ଲହରା କାଶ, ଟିଟାନସ, ଯକ୍ଷ୍ମା ଓ ମିଳିମିଳା ପରି ଟିକାକରଣ-ପ୍ରତିହତ ରୋଗରୁ ରକ୍ଷା ପାଇଁ ଟିକା ଦିଆଯାଇଥାଏ । ଏହି ବେମାରି ଗୁଡ଼ିକ ଶିଶୁମାନଙ୍କର ମୃତ୍ୟୁ, ବିକଳାଙ୍ଗ, ରଗ୍‌ଣତା ଓ ତଜ୍ଜନିତ ଅପପୁଷ୍ଟିର କାରଣ ହୋଇଥାଏ । ଗର୍ଭବତୀ ମହିଳାଙ୍କୁ ଟିଟାନସ୍ ଟିକା ଦେବାଦ୍ୱାରା ମାତୃ ମୃତ୍ୟୁହାର ଓ ପ୍ରସବପର ମୃତ୍ୟୁହାର ହ୍ରାସ ପାଇଥାଏ । ୨୦୦୮-୦୯ ମସିହାରେ ୬.୮ ଲକ୍ଷ ଗର୍ଭବତୀ ମହିଳାଙ୍କୁ ଟିଟାନସ୍, ୬.୩ ଲକ୍ଷ ଶିଶୁଙ୍କୁ ଡ଼ିପିଟି, ୬.୪ ଲକ୍ଷ ଶିଶୁ ଙ୍କୁ ପୋଲିଓ, ୬.୬ ଲକ୍ଷ ଶିଶୁଙ୍କୁ ବିସିଜି ଓ ୫.୮ ଲକ୍ଷ ଶିଶୁଙ୍କୁ ମିଳିମିଳା ଟିକା ଦିଆଯାଇଛି ।

**(ଗ) ସ୍ୱାସ୍ଥ୍ୟ ପରୀକ୍ଷା :-** ଗର୍ଭବତୀ ମହିଳାଙ୍କର ପ୍ରାକ୍ ପ୍ରସବ ଏବଂ ପ୍ରସବ ପର ଯତ୍ନ, ନବଜାତଙ୍କର ଯତ୍ନ ଏବଂ ୬ ବର୍ଷରୁ କମ୍ ପିଲାଙ୍କର ସ୍ୱାସ୍ଥ୍ୟର ଯତ୍ନ ସମନ୍ୱିତ ଶିଶୁ ବିକାଶ ଯୋଜନାର ଅନ୍ତର୍ଭୁକ୍ତ । ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମୀମାନେ ନିୟମିତ ସ୍ୱାସ୍ଥ୍ୟ ପରିକ୍ଷା, ଓଜନ ଉଲ୍ଲେଖ, ପ୍ରତିଷେଧକ ବ୍ୟବସ୍ଥା, ଅପପୁଷ୍ଟି ନିରୋଧ କାର୍ଯ୍ୟାନୁଷ୍ଠାନ, ତରଳଝାଡ଼ା ଚିକିତ୍ସା, କୃମିନାଶବଟିକା ଓ ସାଧାରଣ ଔଷଧ ବଣ୍ଟନ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥାନ୍ତି । ଅଙ୍ଗନୱାଡ଼ି କେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା, ଏ.ଏନ୍.ଏମ୍ ସାଧାରଣ ରୋଗ ପରୀକ୍ଷା କରି ଔଷଧ ବିତରଣ କରିଥାନ୍ତି । ଏମାନେ ଗ୍ରାମ

ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ଯୋଗସୂତ୍ର । ୨୦୦୮-୦୯ ମସିହାରେ ୮.୬ ଲକ୍ଷ ଶିଶୁ ଗର୍ଭବତୀ ମହିଳା ଓ ସ୍ତନ୍ୟଦାତ୍ରୀ ମା ଏହାଦ୍ୱାରା ଉପକୃତ ହୋଇଛନ୍ତି ।

**(ଘ) ପରାମର୍ଶ ସେବା :-** ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବୃଦ୍ଧି ନିରୀକ୍ଷଣ ସମୟରେ ରୁଗ୍ଣ ଏବଂ ଅପପୁଷ୍ଟି ଭୋଗୁଥିବା ଶିଶୁ ମାନଙ୍କ ପାଇଁ ତୁରନ୍ତ ଡ଼ାକ୍ତରି ପରାମର୍ଶ ଆବଶ୍ୟକ । ଅଙ୍ଗନୱାଡ଼ି କର୍ମୀମାନେ ଶିଶୁ ମାନଙ୍କ ଠାରେ ବିକଳାଙ୍ଗ ଲକ୍ଷଣ ଚିହ୍ନଟ କରିବାରେ ପ୍ରାୟତଃ ଜ୍ଞାନ ଅର୍ଜନ କରିଥାନ୍ତି । ସେମାନେ ସ୍ୱତନ୍ତ୍ର ରେଜିଷ୍ଟରରେ ସେ ସବୁ ଘଟଣାକୁ ଲିପିବଦ୍ଧ କରି ଡ଼ାକ୍ତରଙ୍କ ପାଖକୁ ପଠାଇଥାନ୍ତି । ପରାମର୍ଶ ସେବାର କାର୍ଯ୍ୟକାରିତା ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ ସହଯୋଗ ଏବଂ ଏହି ସେବା ଉପଯୋଗ କରିବା ପାଇଁ ପରିବାରର ଆଗ୍ରହ ଉପରେ ନିର୍ଭର କରେ । ୨୦୦୮-୦୯ ବର୍ଷରେ ୬.୫ ଲକ୍ଷ ଶିଶୁ, ଗର୍ଭବତୀ ମହିଳା ଓ ସ୍ତନ୍ୟଦାତ୍ରୀ ମା ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ଏହି ସେବାରେ ଉପକୃତ ହୋଇଛନ୍ତି ।

**(ଙ) ଅଣ ଆନୁଷ୍ଠାନିକ ପ୍ରାକ୍-ବିଦ୍ୟାଳୟ ଶିକ୍ଷା :-** ବିଭିନ୍ନ ପ୍ରକାରର ଶିକ୍ଷଣ ସାମଗ୍ରୀ ଓ ଖେଳଣା ସହ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଥଳୀ ପ୍ରସ୍ତୁତ ହୋଇ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ପ୍ରତିବର୍ଷ ଯୋଗାଇ ଦିଆଯାଇଥାଏ । ଏହି ଥଳୀର ମୂଲ୍ୟ ୫୦୦/-ଟଙ୍କା, ୨୦୦୮-୦୯ ବର୍ଷରେ ୧୪.୪ ଲକ୍ଷ ଶିଶୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷାରେ ପଞ୍ଜିକୃତ ହୋଇଥିଲେ ଏବଂ ୧୨.୯ ଲକ୍ଷ ଶିଶୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

**(ଛ) ପୁଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷା :-** ପୁଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷା ସମନ୍ୱିତ ଶିଶୁ ବିକାଶ ଯୋଜନାର ଏକ ମୁଖ୍ୟ ଅଙ୍ଗ । ୧୫ ରୁ ୪୫ ବର୍ଷ ବୟସ୍କା ମହିଳାମାନେ ଏଥିରେ ସାମିଲ ହୋଇ ସେମାନଙ୍କ ନିଜର ସ୍ୱାସ୍ଥ୍ୟ, ପୁଷ୍ଟି ତଥା ପରିବାରର ଓ ଶିଶୁ ମାନଙ୍କର ସ୍ୱାସ୍ଥ ଓ ପୁଷ୍ଟି ସମ୍ପର୍କିତ ଉନ୍ନତି ପ୍ରତି ଧ୍ୟାନ ଦେଇଥାନ୍ତି । ପୁଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷା ରେ ମୌଳିକ ସ୍ୱାସ୍ଥ୍ୟ, ପୁଷ୍ଟି, ଶିଶୁ ଯତ୍ନ ଓ ଅଭିବୃଦ୍ଧି, ଶିଶୁ ଖାଦ୍ୟ ଗ୍ରହଣ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଉପଯୋଗ, ପରିବାର ନିୟନ୍ତ୍ରଣ, ପାରିପାର୍ଶ୍ୱିକ ପରିମଳ ଇତ୍ୟାଦି । ସ୍ଥିରିକୃତ ପ୍ରତିଷେଧକ ଦିବସ, ଗୃହ ପରିଦର୍ଶନ ଏବଂ ଅନ୍ୟାନ୍ୟ ଦିନ ଅଙ୍ଗନୱାଡ଼ି କର୍ମୀମାନେ ମହିଳା ମାନଙ୍କୁ ପୁଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷା ସମ୍ପର୍କରେ ସୂଚନା ପ୍ରଦାନ କରିଥାନ୍ତି । ୨୦୦୮-୦୯ ବର୍ଷରେ ୬.୫ ଲକ୍ଷ ମହିଳା ଏଥିରେ ଉପକୃତ ହୋଇଛନ୍ତି ।

**୧.୧. କିଶୋରୀ ଶକ୍ତି ଯୋଜନା :-**

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ୧୧-୧୮ ବର୍ଷ ର କିଶୋରୀମାନେ ଏହି କାର୍ଯ୍ୟକ୍ରମରେ ଉପକୃତ ହୁଅନ୍ତି । ସେମାନଙ୍କ ସ୍ୱୀୟ ଅଭିବୃଦ୍ଧି, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ସାକ୍ଷରତା ଓ ଗାଣିତିକ ଦକ୍ଷତା, ବୈଷୟିକ ଦକ୍ଷତା ଇତ୍ୟାଦି ରେ ଏହି କାର୍ଯ୍ୟକ୍ରମ ରୂପାୟିତ ହୋଇଥାଏ । ଅଙ୍ଗନୱାଡ଼ି କେନ୍ଦ୍ରରେ ବାଳିକା ମଣ୍ଡଳ ମାଧ୍ୟମରେ ଏହା କାର୍ଯ୍ୟକାରୀ କରାଯାଏ । ୨୦୦୬-୦୭ ବର୍ଷରୁ ୩୨୬ ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ୧୧-୧୮ ବର୍ଷ ବୟସ୍କା ବାଳିକା ମାନଙ୍କୁ ଲୌହ ଓ କୃମିନାଶନ ବଟିକା ପ୍ରଦାନ

କରାଯାଇଥାଏ । ୨୦୦୮-୦୯ ବର୍ଷରେ ୨୨ ଲକ୍ଷ ୧୬ ହଜାର ୭୯୪ କିଶୋରୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି ।

**୧.୨. କିଶୋରୀ ମାନଙ୍କ ପାଇଁ ପୁଷ୍ଟି ଯୋଜନା :-** ୨୦୦୨-୦୩ ଓ ୨୦୦୩-୦୪ ବର୍ଷରେ ଯୋଜନା ଆୟୋଗ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରିଥିବା ଏହି ଯୋଜନାକୁ ଭାରତ ସରକାର ୨୦୦୫-୦୬ ବର୍ଷରୁ କାର୍ଯ୍ୟକାରୀ କରୁଛନ୍ତି । ୧୧ରୁ ୧୫ ବର୍ଷ ବୟସ୍କା ୩୦ କି.ଗ୍ରାରୁ କମ୍ ଓଜନ ପୁଷ୍ଟିହୀନା କିଶୋରୀ ମାନେ ଏବଂ ୧୫ ରୁ ୧୯ ବର୍ଷ ବୟସ୍କା ୩୫ କି.ଗ୍ରାରୁ କମ୍ ଓଜନ ପୁଷ୍ଟିହୀନା କିଶୋରୀମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ । କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ହିତାଧିକାରୀମାନେ ମାସିକ ୬ କିଲୋଗ୍ରାମ ଖାଦ୍ୟ ମାଗଣା ପାଇଥାନ୍ତି । ୨୦୦୮-୦୯ ବର୍ଷରେ ଏହି ଯୋଜନାରେ ୫ କୋଟି ୪୭ ଲକ୍ଷ ମଞ୍ଜୁର କରାଯାଇଛି ଓ କିଶୋରୀ ଉପକୃତ ହୋଇଛନ୍ତି ।

**୧.୩. ଔଷଧ ପେଟିକା :-**

ବାର୍ଷିକ ୬୦୦ ଟଙ୍କା ମୂଲ୍ୟର ଔଷଧ ପେଟିକା ପ୍ରତି ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଇ ଦିଆଯାଇଥାଏ। ସମାନ୍ୟ ଆଘାତ, ଚର୍ମ ସଂର୍କମଣ, ଥଣ୍ଡା, କାଶ ଓ ଅନ୍ୟାନ୍ୟ ସାଧାରଣ ରୋଗର ଚିକିତ୍ସା ହୋଇପାରିଲାଭଳି ଔଷଧ ଏହି ପେଟିକାର ଅନ୍ତର୍ଭୁକ୍ତ । ୨୦୦୮-୦୯ ବର୍ଷରେ ମେଡିସିନ୍ ପେଟିକା ବାବଦରେ ଜିଲ୍ଲାମାନଙ୍କୁ ଟଙ୍କା ଯୋଗାଇ ଦିଆଯାଇଛି ।

**୧.୪. ସକାରାତ୍ମକ ବ୍ୟତିକ୍ରମ ଉପାୟ :-** ଶିଶୁ ମାନଙ୍କର ପୁଷ୍ଟିରେ ଉନ୍ନତି ଆଣିବା ନିମନ୍ତେ ଶୈଶବ ଯତ୍ନର କେତେକ ବ୍ୟବସ୍ଥା ରେ ପରିବର୍ତ୍ତନ ଏହି ଅଭିନବ କାର୍ଯ୍ୟକ୍ରମର ଲକ୍ଷ୍ୟ । ଦେଖାଯାଏ ଯେ ଏକା ସାମାଜିକ, ଆର୍ଥିକ ଅବସ୍ଥାରେ ଥାଇ କେତେକ ଶିଶୁଙ୍କର ସ୍ୱାଭାବିକ ପୁଷ୍ଟି ଥିଲାବେଳେ ଅନ୍ୟ କେତେକ ଅପପୁଷ୍ଟି ଆକ୍ରାନ୍ତ । ଏପରି ତଫାତ୍ କାହିଁକି ? ସକାରାତ୍ମକ ବ୍ୟତ୍ରିମ ଉପାୟ ଏହାର ଉତ୍ତର ଦିଏ । ଏହି ଯୋଜନା ଅପପୁଷ୍ଟ ଶିଶୁ ମାନଙ୍କର ପୁଷ୍ଟିର ଉନ୍ନତି, ସେହି ଅବସ୍ଥାର ସ୍ଥାୟିତ୍ୱ ବଜାୟ ରଖିବା ଏବଂ ଭବିଷ୍ୟତ ଅପପୁଷ୍ଟିର ଶିକାର ନହେବା ଲକ୍ଷ୍ୟରେ ଏହି ଯୋଜନା କାର୍ଯ୍ୟବାହୀ କରାଯାଉଛି । ୨୦୦୪ ଜୁଲାଇ ମାସରେ ମୟୁରଭଞ୍ଜ ଜିଲ୍ଲାର ତିନୋଟି ପ୍ରକଳ୍ପରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସମସ୍ତ ୩୦ ଟି ଜିଲ୍ଲାର ୩୦୦ ପ୍ରକଳ୍ପର ୭୪୮୧ ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟକାରୀ ହେଉଅଛି । ୟୁନିସେଫ୍ ଏହି କାର୍ଯ୍ୟକ୍ରମକୁ ସହାୟତା ଯୋଗାଇ ଦେଉଛନ୍ତି ।

**୧.୫. ମୌଖିକ ତଦନ୍ତ :-**

ଶିଶୁ, ଗର୍ଭବତୀ ଓ ସ୍ତନ୍ୟଦାତ୍ରୀ ମାନଙ୍କର ମୃତ୍ୟୁ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ଏ ,ଏନ୍ ,ଏମ୍ ଓ ଅଙ୍ଗନୱାଡ଼ି କର୍ମୀ ବାଚନିକ ତଦନ୍ତ କରିବା ପାଇଁ ପ୍ରତି କ୍ଷେତ୍ରରେ ୧୦୦ ଟଙ୍କା କରି ଚଳମାନ ସହାୟତା ଯୋଗାଇ ଦିଆଯାଏ । ୧ ବର୍ଷ ମଧରେ ଶିଶୁ ବା ଗର୍ଭବତୀ ମହିଳାଙ୍କର ବା ଜୀବନ୍ତ ବା ମୃତ ଶିଶୁ ଜନ୍ମ ଦେଇଥିବା ପ୍ରସୂତୀଙ୍କର ୪୨ ଦିନ ମଧରେ ମୃତ୍ୟୁ ହୋଇଥିଲେ, ତଥ୍ୟ ପାଇବାର ୭୨ ଘଣ୍ଟା ମଧରେ ଏ.ଏନ୍,ଏମ୍ ଓ ଅଙ୍ଗନୱାଡ଼ି କର୍ମୀ ସେହି ପରିବାରକୁ ତୁରନ୍ତ ଯାଇ ବାଚନିକ ତଦନ୍ତ କରି

ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଓ ସି.ଡ଼ି.ପି.ଓଙ୍କୁ ଯୁଗ୍ମ ତଦନ୍ତ ରିପୋର୍ଟ୍ ଦେଇଥାନ୍ତି । ୨୦୦୮-୦୯ ବର୍ଷରେ ଏଥିପାଇଁ ୧୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

**୧.୬. ପୁଷ୍ଟିକର ଦିବସ :-** ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ /ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିମାସର ୧୫ ତାରିଖରେ ସ୍ଥିରୀକୃତ ସ୍ୱାସ୍ଥ୍ୟ ପରାମର୍ଶ ଦିବସ ପାଳନ କରାଯାଏ । ଏହାକୁ ପୁଷ୍ଟିକର ଦିବସ କୁହାଯାଏ । ଏହିଦିନ ସମସ୍ତ ଅଳ୍ପ ଓ ଗୁରୁତର ଅଧିକ ଅପପୁଷ୍ଟି ଆକ୍ରାନ୍ତ କିମ୍ବା ବୃଦ୍ଧି ବ୍ୟାଘାତ ଶିଶୁ ମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ ପଠାଯାଇଥାଏ । ଶିଶୁ ବିଶେଷଜ୍ଞ / ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହି ପରୀକ୍ଷା କରିବା, ଅଧିକ ତଦନ୍ତ କରିବା, ରୋଗ ନିଦାନ କରିବା ଓ ଚିକିତ୍ସା କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି । ୧୦ କି.ମି.ରୁ କମ୍ ଦୂରତା ମଧ୍ୟରେ ୧୫୦ ଟଙ୍କା ଏବଂ ୧୦ କି.ମି. ବାହାରେ ୨୦୦ ଟଙ୍କା କରି ପିତାମାତା / ଅଭିଭାବକଙ୍କୁ ପରିବହନ ଖର୍ଚ୍ଚ ସହାୟତା ଯୋଗାଇ ଦିଆଯାଇଥାଏ । ଆଶା / ଅଙ୍ଗନୱାଡ଼ି କର୍ମୀ ଯିଏ ସହଯାତ୍ରା କରନ୍ତି ତାଙ୍କୁ ମଧ୍ୟ ୫୦ ଟଙ୍କା ଦିଆଯାଏ ।

**୧.୭. ରାଜ୍ୟ ଶିଶୁ ମାନଙ୍କର ପୁଷ୍ଟି ଅବସ୍ଥା:-** ୨୦୦୯ ମସିହା ମାର୍ଚ୍ଚ ମାସରେ ୩ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କ ମଧ୍ୟରୁ ୯୫.୯% ଏବଂ ୩ ବର୍ଷରୁ ୬ ବର୍ଷ ମଧ୍ୟରେ ଶିଶୁମାନଙ୍କ ମଧ୍ୟରୁ ୯୫.୬% ଶିଶୁମାନଙ୍କର ଅଭିବୃଦ୍ଧି ନିରୀକ୍ଷଣ କରାଯାଇଛି । ମାର୍ଚ୍ଚ ମାସ ରିପୋର୍ଟରୁ ଦେଖାଯାଇଛି ଯେ ୩ ବର୍ଷ ପର୍ଯ୍ୟନ୍ତ ଏବଂ ୩ ବର୍ଷରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କର ଗୁରୁତର ଅପପୁଷ୍ଟି ଅବସ୍ଥା ଓ ସ୍ୱଳ୍ପ ଅପପୁଷ୍ଟି ଅବସ୍ଥାର ହ୍ରାସ ଘଟିଛି । ୨୦୦୫ ମସିହା ମାର୍ଚ୍ଚ ମାସରେ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ମଧ୍ୟରୁ ୨୨.୫% ଅପପୁଷ୍ଟି ଆକ୍ରାନ୍ତ ଥିବାବେଳେ, ୨୦୦୯ ମସିହା ମାର୍ଚ୍ଚ ମାସକୁ ଏହା ୧୭.୧% କୁ ହ୍ରାସ ପାଇଛି । ୩-୬ ବର୍ଷ ଶିଶୁମାନଙ୍କର ଏହା ୨୦.୧% ରୁ ୧୫.୨% କୁ ହ୍ରାସ ପାଇଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ୧ (୧୯୯୨-୯୩) ଓ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୩ (୨୦୦୫-୦୬) ଅନୁସାରେ ୩ ବର୍ଷରୁ କମ୍ ଶିଶୁଙ୍କର ବୃଦ୍ଧିବାଧାପ୍ରାପ୍ତି ୪୯% ରୁ ୪୪ %, ଉଚ୍ଚତାନୁଯାୟୀ ଓ ଓଜନକମ୍ ୩୦%ରୁ ୨୪ % ଓ ବୟସାନୁଯାୟୀ କମ୍ ଓଜନ ୫୦%ରୁ ୪୦% କୁ ହ୍ରାସ ପାଇଛି ।

**୧.୮. ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ :-**

୬୦୯୧୮ ଅଙ୍ଗନୱାଡ଼ି କେନ୍ଦ୍ରରୁ ୧୫୯୫୨ କେନ୍ଦ୍ରର ନିଜସ୍ୱ କୋଠା ଅଛି । ୧୦୨୮୭ କେନ୍ଦ୍ର ବିଦ୍ୟାଳୟରେ ଓ ୩୪୬୭୯ କେନ୍ଦ୍ର ଭଡ଼ାଘରେ, ସର୍ବସାଧାରଣ କୋଠାରେ ବା ଅନ୍ୟତ୍ର ଚାଲିଛି । ଏହି ୩୪୬୭୯ କେନ୍ଦ୍ରରୁ ୭୭୪୯ କେବିକେ ଜିଲ୍ଲାରେ ଅବସ୍ଥିତ । ଗୃହହୀନ କେନ୍ଦ୍ର ମଧ୍ୟରେ ୨୦୦୮ ମସିହା ଶେଷବେଳକୁ ମଞ୍ଜୁର ହୋଇଥିବା ୧୯୨୨୧ କେନ୍ଦ୍ର ଅନ୍ତର୍ଭୁକ୍ତ ।

**୧.୯. ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ମାନଦେୟ :-** ଅଙ୍ଗନୱାଡ଼ି କର୍ମୀମାନେ ସ୍ୱେଚ୍ଛାସେବୀ ହେଲେ ବି ଗ୍ରାମ୍ୟ ସ୍ତରରେ ଅଧିକ ଦୃଷ୍ଟି ଗୋଚର କର୍ମକର୍ତ୍ତା । କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ରୂପାୟନରେ ଓ ସେମାନଙ୍କୁ ଅଧିକରୁ ଅଧିକ ଉପଯୋଗ କରୁଛନ୍ତି। ତା.୧.୪.୨୦୦୮ ରିଖ ଠାରୁ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କର ମାନଦେୟ ନିମ୍ନମତେ ଅଛି ।

| ମାନଦେୟ | ପ୍ରଚଳିତ (ଟଙ୍କା /ମାସ) | ସଂଶୋଧିତ (ଟଙ୍କା / ମାସ) |
|---|---|---|
| ଅଙ୍ଗନୱାଡ଼ି କର୍ମୀ | ୧୦୦୦ | ୧୫୦୦ |
| ଅଙ୍ଗନୱାଡ଼ି ସହାୟିକା | ୫୦୦ | ୭୫୦ |
| ଅଙ୍ଗନୱାଡ଼ି କର୍ମୀ (ମିନି.ଅ.କେ) | ୫୦୦ | ୭୫୦ |
| ୟୁନିଫର୍ମ | ନାହିଁ | ୨୦୦(୨ ୟୁନିଫର୍ମ / ବାର୍ଷିକ) |
| ବ୍ୟାଚ | ନାହିଁ | ୨୫ |

ପ୍ରଥମ ଥରକ ପାଇଁ କେନ୍ଦ୍ର ସରକାର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କୁ ବର୍ଷକୁ ୨୦୦/- ଟଙ୍କାରେ ୨ଟି ୟୁନିଫର୍ମ ଓ ୨୫ ଟଙ୍କାରେ ବ୍ୟାଜ୍ ଦେବାପାଇଁ ବ୍ୟବସ୍ଥା କରିଛନ୍ତି । ରାଜ୍ୟ ସରକାର ନିଜ ପାଣ୍ଠିରୁ ଅଙ୍ଗନୱାଡ଼ି କର୍ମୀଙ୍କୁ ୫୦୦/- ଟଙ୍କା ଓ ସହାୟିକାଙ୍କୁ ୨୫୦/- ଟଙ୍କା ମାନଦେୟ ଦେବାକୁ ବ୍ୟବସ୍ଥା କରିଛନ୍ତି ।

**୧.୧୦. ୨୦୦୮-୦୯ ବର୍ଷରେ ରାଜ୍ୟ ତାଲିମ କ୍ରିୟାନୁଷ୍ଠାନ ଯୋଜନା :-**

୨୦୦୮-୦୯ ବର୍ଷରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ତାଲିମ୍ ସମ୍ପର୍କିୟ ବସ୍ତୁଗତ ସାଫଲ୍ୟ ।

| | ଜବ | ରିଫ୍ରେସର |
|---|---|---|
| ସିଡ଼ିପିଓ | ୧୫ | ୨୧ |
| ସୁପରଭାଇଜର | ୯୯ | ୧୭୨ |
| ଅଙ୍ଗନୱାଡ଼ି କର୍ମୀ | ୧୯୦୧ | ୧୩୧୫୮ |
| ଅଙ୍ଗନୱାଡ଼ି ସହାୟିକା | ୨୭୦୨ (ଓରିଏଣ୍ଟେସନ) | ୨୦୫୭ |

୨୦୦୮-୦୯ ବର୍ଷରେ ତାଲିମ୍ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ୨୫୯.୯୦ ଲକ୍ଷ ଟଙ୍କା ସହାୟତା ମିଳିଥିଲା । ତନ୍ମଧ୍ୟରୁ ୨୪୯.୯୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ୨୦୦୯-୧୦ ବର୍ଷକୁ ୯.୯୪ ଲକ୍ଷ ଟଙ୍କା ନିଆଯାଇଛି ।

**୧.୧୧. ଇ-ପ୍ରଗତି :-** ସ୍କୁଲ ଓ ଗଣଶିକ୍ଷା ବିଭାଗର ଇ-ଶିଶୁ ପ୍ରକଳ୍ପର ତଥ୍ୟଭୂମିକୁ ମହିଳା ଓ ଶିଶୁ ବିକାଶ ବିଭାଗର ତଥ୍ୟଭୂମି ସହିତ ସଂଯୋଗ କରିବା ଇ-ପ୍ରଗତିର ଲକ୍ଷ୍ୟ । ଏହାଦ୍ୱାରା ଅଙ୍ଗନୱାଡ଼ି କେନ୍ଦ୍ରର ବିବରଣୀ, ଅଙ୍ଗନୱାଡ଼ି କର୍ମୀ ଓ ସହୟିକାଙ୍କର ବିବରଣୀ, ଅପପୁଷ୍ଟି ଭୋଗୁଥିବା ଶିଶୁଙ୍କ ତଥ୍ୟ, ପ୍ରତିଷେଧକ ବ୍ୟବସ୍ଥା ଓ ପରାମର୍ଶ ସେବାରେ ଉପକୃତ ହେଉଥିବା ହିତାଧିକାରୀଙ୍କ ବିବରଣୀ, ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କର ବିବରଣୀ, ମଧ୍ୟାହ୍ନ ଭୋଜନରେ ଅନ୍ତର୍ଭୁକ୍ତ ୬-୧୧ ବର୍ଷ ବୟସ୍କ ଶିଶୁ ମାନଙ୍କ ବିବରଣୀ ଏବଂ ଗର୍ଭବତୀ ମହିଳା ଓ ସ୍ତନ୍ୟଦାତ୍ରୀ ମା' ମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କିୟ ବିବରଣୀ ସଂକଳିତ ହୋଇଛି । ଏହି ତଥ୍ୟ ବିଭାଗର ୱେବ୍‌ସାଇଟ୍ http://www.wcdorissa.gov.in ରେ ଉପଲବ୍ଧ ।

## ୨. ଅନ୍ୟ ପୁଷ୍ଟିକର ଯୋଜନା :-

**୨.୧. ମଧ୍ୟାହ୍ନ ଭୋଜନ ଯୋଜନା :-** ସବୁ ସରକାରୀ ଏବଂ ସରକାରୀ ସାହାଯ୍ୟପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଅଧ୍ୟୟନ ରତ ସବୁ ଛାତ୍ରଛାତ୍ରୀ ମାନଙ୍କୁ ବର୍ଷର ୨୧୦ ଦିନ ମଧ୍ୟାହ୍ନରେ ରନ୍ଧାଖାଦ୍ୟ ଯୋଗାଇଦେବା ପାଇଁ ଏହି ଯୋଜନା ୧୯୯୫ ମସିହାରେ ଆରମ୍ଭ କରାଯାଇଥିଲା । ଛାତ୍ର ଉପସ୍ଥାନ ବଢ଼ାଇବା, ସ୍କୁଲ ପରିତ୍ୟାଗ କମାଇବା ଏବଂ ଛାତ୍ରମାନଙ୍କର ପୁଷ୍ଟି ବୃଦ୍ଧି କରିବା ଏହି ଯୋଜନାର ଲକ୍ଷ୍ୟ । ୧.୯.୨୦୦୪ ରିଖରୁ ସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ରନ୍ଧାଖାଦ୍ୟ ଦିଆଯାଉଛି । ୨୦୦୮-୦୯ ବର୍ଷରେ ୬୬୨୩୦ ପ୍ରାଥମିକ ବିଦ୍ୟାଳୟର ୪୬୮୯୮୨୯ ଛାତ୍ରଛାତ୍ରୀ ଓ ୧୮୯୩୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୬୭୭୨୩୦ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ଏହି ଯୋଜନାରେ କେନ୍ଦ୍ର ସରକାର ୨୧୦ ଦିନ ପାଇଁ ପ୍ରାଥମିକ ବିଦ୍ୟାଳୟର ପ୍ରତି ପିଲାପିଛା ୧୦୦ ଗ୍ରାମ କରି ମାଗଣା ଚାଉଳ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାପିଛା ୧୫୦ ଗ୍ରାମ ମାଗଣା ଚାଉଳ ଯୋଗାଇଥାନ୍ତି । କେନ୍ଦ୍ର ସରକାର, ଭାରତୀୟ ଖାଦ୍ୟ ନିଗମ ଡ଼ିପୋରୁ ବିଦ୍ୟାଳୟକୁ ପରିବହନ ଖର୍ଚ୍ଚ କ୍ୱିଣ୍ଟାଲ ପିଛା ୭୫/-ଟଙ୍କା କରି ଦେଇଥାନ୍ତି । କେନ୍ଦ୍ର ସରକାର ୨୦୦୮-୦୯ ବର୍ଷସୁଦ୍ଧା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬୦୧୫୯ଟି ରୋଷେଇଶାଳ ତିଆରି ପାଇଁ ୩୬୦ କୋଟି ୯୫ ଲକ୍ଷ ୧୩ ହଜାର ଟଙ୍କା ଯୋଗାଇଦେଇଛନ୍ତି ।ଏହି ବର୍ଷସୁଦ୍ଧା ୬୩ ହଜାର ୭୦୫ ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୋଷେଇ ସରଞ୍ଜାମ ପରିବର୍ତ୍ତନ / ନୂତନ ଯୋଗାଣ ପାଇଁ କେନ୍ଦ୍ର ସରକାର ୩୧ କୋଟି ୮୫ ଲକ୍ଷ ୨୫ ହଜାର ଟଙ୍କା ଯୋଗାଇଦେଇଛନ୍ତି । ଓଡ଼ିଶା ସରକାର ଡ଼ାଲି, ପରିବା, ତେଲ, ମସଲା ଓ ତା'ର ପରିବହନ ଖର୍ଚ୍ଚପାଇଁ ହିତାଧିକାରୀ ପିଛା ୬୪ ପଇସା କରି ଯୋଗାଇ ଦେଇଥାନ୍ତି । କେନ୍ଦ୍ର ସରକାର ପ୍ରାଥମିକ ବିଦ୍ୟାଳୟର ପ୍ରତି ଛାତ୍ରଛାତ୍ରୀ ପାଇଁ ଦୈନିକ ୧ଟଙ୍କା ୫୮ ପଇସା ହାରରେ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତି ଛାତ୍ରଛାତ୍ରୀ ପାଇଁ ଦୈନିକ ୨ ଟଙ୍କା ୧୦ ପଇସା ଭାବରେ ରନ୍ଧନ ଖାଦ୍ୟ ଯୋଗାଇଥାନ୍ତି । ସୁତରାଂ ପ୍ରାଥମିକ ବିଦ୍ୟାଳୟର ହିତାଧିକାରୀ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହିତାଧିକାରୀ ପାଇଁ ଦୈନିକ ପଡ଼ି ମୂଲ୍ୟ ଯଥାକ୍ରମେ ୨ଟଙ୍କା ୨୨ ପଇସା ଓ ୨ଟଙ୍କା ୭୪ ପଇସା । ୨୦୦୮-୦୯ ବର୍ଷରେ ଏହି ଯୋଜନାରେ ୫୧୭ କୋଟି ୧୯ ଲକ୍ଷ ୪୨ ହଜାର ଟଙ୍କା ବ୍ୟବସ୍ଥା କରାଯାଇଥିଲା । ଏଥିରୁ କେନ୍ଦ୍ର ସରକାରଙ୍କର ଅଂଶ ୪୪୦ କୋଟି ଓ ରାଜ୍ୟ ସରକାରଙ୍କର ଅଂଶ ୭୭ କୋଟି ୧୯ ଲକ୍ଷ ୪୨ ହଜାର ଟଙ୍କା ।

**୨.୨. ଜରୁରୀକାଳିନ ରନ୍ଧାଖାଦ୍ୟ ଯୋଜନା :-** ସଂଶୋଧିତ ଦୀର୍ଘ ମିଆଦି କାର୍ଯ୍ୟାନୁଷ୍ଠାନ ଯୋଜନା ଅଧିନରେ କେବିକେ ଜିଲ୍ଲାମାନଙ୍କରେ ଏହି କାର୍ଯ୍ୟକ୍ରମ ଚାଲୁଅଛି । ଏହି ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେଥିବା ବୃଦ୍ଧ, ଅକ୍ଷମ ଓ ଦରିଦ୍ର ବ୍ୟକ୍ତିମାନଙ୍କୁ ବର୍ଷସାରା ଅଙ୍ଗନୱାଡ଼ି କେନ୍ଦ୍ରରେ ରନ୍ଧାଖାଦ୍ୟ ଦିଆଯାଏ । ପୂର୍ବରୁ ପ୍ରତି ଉପଭୋକ୍ତାଙ୍କୁ ୨୫୦ ଗ୍ରାମର ଚାଉଳ, ୩୬ ଗ୍ରାମ ଡ଼ାଲି, ପରିବା, ତେଲ, ଲୁଣ, ମସଲା ଦିଆଯାଇଥାଏ ଯାହା ୮୧୨ କିଲୋ କ୍ୟାଲୋରି ଶକ୍ତି ଏବଂ ୨୧.୬ ଗ୍ରାମ ପୁଷ୍ଟିସାର ଯୋଗାଇଥାଏ । ୧.୯.୨୦୦୬ ତାରିଖରୁ ଏହି ପଡ଼ି ମୂଲ୍ୟ ୨ଟଙ୍କା ୭୦ ପଇସାରୁ

ଟ.୩.୦୩ କୁ ବୃଦ୍ଧି କରାଯାଇଛି ଯାହାଦ୍ୱାରା ଉପଭୋକ୍ତା ୯୭୯ କିଲୋ କ୍ୟାଲୋରି ଶକ୍ତି ଓ ୨୩.୨୦ ଗ୍ରାମ ପୁଷ୍ଟିସାର ପାଇଥାଏ । ୨୦୦୮-୦୯ ବର୍ଷରେ ୮ଟି କେବିକେ ଜିଲ୍ଲାରେ ୨ ଲକ୍ଷ ଉପଭୋକ୍ତାଙ୍କ ପାଇଁ ୧୬ କୋଟି ୭୧ ଲକ୍ଷ ୪୨ ହଜାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଲବ୍ଧ ରାଶି ମଞ୍ଜୁର କରାଯାଇଛି ।

## ୩. ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ :-

**୩.୧. ମଧୁବାବୁ ପେନସନ୍ ଯୋଜନା :-** ବାର୍ଦ୍ଧକ୍ୟ ଭତ୍ତା ଓ ବିକଳାଙ୍ଗ ଭତ୍ତା କୁ ଏକତ୍ର କରି ରାଜ୍ୟ ସରକାର ୨୦୦୮ ଜାନୁୟାରୀ ୧ ତାରିଖରୁ ମଧୁବାବୁ ପେନସନ୍ ଯୋଜନା ଚାଲୁ କରିଛନ୍ତି । ୬୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ, ବିଧବା (ବୟସ ନିର୍ବିଶେଷ), ବିକଳାଙ୍ଗ ଚିହ୍ନ ଦୃଶ୍ୟମାନ କୁଷ୍ଠରୋଗୀ (ବୟସ ନିର୍ବିଶେଷ), ୫ ବର୍ଷରୁ ଉର୍ଦ୍ଧ୍ୱ ସମ୍ପୂର୍ଣ୍ଣ ଅନ୍ଧ କିମ୍ବା ଶାରିରୀକ ଅକ୍ଷମ ବା ମାନସିକ ଅନଗ୍ରସର ବା ସିରେବ୍ରାଲ ପାଲ୍‌ସି ଆକ୍ରାନ୍ତ, ଏଡ୍‌ସ ଆକ୍ରାନ୍ତ ବ୍ୟକ୍ତିଙ୍କ ବିଧବା (ବୟସ ବା ଆୟ ନିର୍ବିଶେଷ) ଏବଂ ରାଜ୍ୟ ବା ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ଚିହ୍ନିତ ଏଡ୍‌ସ ରୋଗୀ, ଯେଉଁମାନଙ୍କର ପାରିବାରିକ ଆୟ ସମସ୍ତ ସୂତ୍ରରୁ ମିଶି ବାର୍ଷିକ ୧୨,୦୦୦ ଟଙ୍କାରୁ ଅଧିକ ନୁହେଁ, ଯିଏ ଓଡ଼ିଶାର ସ୍ଥାୟୀ ବାସିନ୍ଦା ବା ଦୀର୍ଘକାଳ ଧରି ବାସ କରୁଛନ୍ତି, କୌଣସି ଫୌଜଦାରୀ ମାମଲାରେ ନୈତିକ ଅଧଃପତନ ସଂପର୍କିତ ଦୋଷରେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି ବା ସରକାରୀ ବା ସରକାରୀ ସାହାଯ୍ୟପ୍ରାପ୍ତ ଅନ୍ୟ କୌଣସି ସଂସ୍ଥାରୁ ପେନସନ୍ ପାଉନାହାନ୍ତି, ସେ ଏହି ଯୋଜନାରେ ପେନସନ୍ ପାଇପାରିବେ । ୨୦୦୮-୦୯ ବର୍ଷରେ ଏହି ଯୋଜନାରେ ୨୯୭ କୋଟି ୫୭ ଲକ୍ଷ ୬ ହଜାର ଟଙ୍କା ବଜେଟ୍ ବ୍ୟବସ୍ଥା କରାଯାଇଥିଲା । ଏଥିରୁ ଟ.୭୯,୫୫,୪୬,୦୦୦ଙ୍କା ରାଜ୍ୟ ଯୋଜନା ଓ ୨୧୮,୦୧,୬୦,୦୦୦ ଟଙ୍କା ଅଣ ଯୋଜନା । ଏଥିରେ ୧୨ ଲକ୍ଷ ୮ ହଜାର ବ୍ୟକ୍ତି ଉପକୃତ ହୋଇଛନ୍ତି ।

**୩.୨. ଜାତୀୟ ବାର୍ଦ୍ଧକ୍ୟ ଭତ୍ତା :-** ଭାରତ ସରକାରଙ୍କ ସମ୍ପୂର୍ଣ୍ଣ ସହାୟତାରେ ପ୍ରବର୍ତ୍ତିତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ପ୍ରଥମ ଅଙ୍ଗ ହେଉଛି ଜାତୀୟ ବାର୍ଦ୍ଧକ୍ୟ ଭତ୍ତା । ୨୦୦୬ ଏପ୍ରିଲ ୧ ତାରିଖରୁ ଦାରିଦ୍ର୍ୟ ସୀମାରେଖାତଳେ ଥିବା ପରିବାରର ୬୫ ବର୍ଷରୁ ଉର୍ଦ୍ଧ୍ୱ, ଜୀବନ ଧାରଣ ପାଇଁ ନିୟମିତ ରୋଜଗାରୀହୀନ ବୃଦ୍ଧ/ବୃଦ୍ଧା ମାସିକ ୨୦୦ ଟଙ୍କା କରି ଭତ୍ତା ପାଆନ୍ତି । କେନ୍ଦ୍ର ସରକାରଙ୍କ ଅତିରିକ୍ତ କେନ୍ଦ୍ରୀୟ ସହାୟତାରୁ ଲବ୍ଧ ରାଶି ରଜ୍ୟ ବଜେଟରେ ଖର୍ଚ୍ଚ ହୁଏ । ତା.୧୯.୧୧.୨୦୦୭ ରିଖଠାରୁ ଏହାକୁ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା କାର୍ଯ୍ୟକ୍ରମ କୁହାଯାଉଛି । ଏଥିରେ ୨୦୦୨ ମସିହା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୬୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବୃଦ୍ଧବୃଦ୍ଧା ଅନ୍ତର୍ଭୁକ୍ତ । ତା.୧.୧୨.୨୦୦୬ ରିଖରୁ ଏହି ଯୋଜନାରେ ୬ ଲକ୍ଷ ୪୩ ହଜାର ୪୦୦ ହିତାଧିକାରୀ ଅଛନ୍ତି । ୨୦୦୮-୦୯ ବର୍ଷରେ ରାଜ୍ୟ ଯୋଜନାରେ ଏଥିପାଇଁ ୧୭୨ କୋଟି ୬୩ ଲକ୍ଷ ଟଙ୍କା ବଜେଟ୍ ବ୍ୟବସ୍ଥା ହୋଇଛି ।

**୩.୩. ଜନସେବା ଦିବସ :-** ଭତ୍ତା କାର୍ଯ୍ୟକ୍ରମର ଏକ ଉଲ୍ଲେଖଯୋଗ୍ୟ ଘଟଣା ଏହିଯେ ମଧୁବାବୁ ପେନସନ୍ ଯୋଜନାର ୧୨ ଲକ୍ଷ ୮ ହଜାର ୪୦୦ ଓ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାର ୬ ଲକ୍ଷ ୪୩ ହଜାର ୪୦୦ ହିତାଧିକାରୀ ରାଜ୍ୟସାରା ପ୍ରତିମାସର ଗୋଟିଏ ନିର୍ଦ୍ଦିଷ୍ଟ

ତାରିଖରେ ଭତ୍ତା ପାଇବେ । ଏହା ପ୍ରତ୍ୟେକ ମାସର ୧୫ ତାରିଖ ଓ ଏହାକୁ ଜନସେବା ଦିବସ ନାମରେ ନାମିତ କରାଯାଇଛି । ଛୁଟି ହେଉକି ସରକାରୀ କାର୍ଯ୍ୟ ଦିବସ ହେଉ ଏହି ଜନସେବା ଦିବସରେ ହିତାଧିକାରୀମାନଙ୍କୁ ଗ୍ରାମାଞ୍ଚଳରେ ପଞ୍ଚାୟତ ସଦର ମହକୁମା ଏବଂ ସହରାଞ୍ଚଳରେ ଏନ୍.ଏ.ସି ବା ମୁନିସିପାଲିଟି ମହକୁମା ଅଥବା ନିକଟତମ ବିଦ୍ୟାଳୟରେ ଦୁଇଟି ଶହେ ଟଙ୍କିଆ ନୋଟ୍ ଦିଆଯାଏ । ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯାଉଥିବା ପାସ୍ ବୁକ୍‌ରେ ଭତ୍ତା ପ୍ରଦାନ ଉଲ୍ଲେଖ କରାଯାଏ ।

**୩.୪. ଜାତୀୟ ପରିବାର ଉପକାର ଯୋଜନା :-** ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଏହା ହେଉଛି ଦ୍ୱିତୀୟ ଅଙ୍ଗ । କେନ୍ଦ୍ର ସରକାରଙ୍କ ଦ୍ୱାରା ଶତ ପ୍ରତିଶତ ସହାୟତା ଭିତ୍ତିରେ ଏହା ୧୯୯୫ ମସିହା ଅଗଷ୍ଟ ୧୫ ତାରିଖରୁ କାର୍ଯ୍ୟକାରୀ ହେଉଛି । ଏହି ଯୋଜାନାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ୧୮ ରୁ ୬୪ ବର୍ଷ ବୟସ୍କ ମୁଖ୍ୟ ଆୟକାରୀ ବ୍ୟକ୍ତିଙ୍କ ନିଧନ ହେଲେ, ସେ ପରିବାରକୁ ଏକକାଳୀନ ୧୦ ହଜାର ଟଙ୍କା ଦିଆଯାଏ । ତଦନ୍ତ ପରେ ସେହି ପରିବାରର ବର୍ତ୍ତମାନର ମୁଖ୍ୟ ଯଥା ସ୍ୱାମୀ ସ୍ତ୍ରୀ, ନାବାଳକ ସନ୍ତାନ, ଅବିବାହିତ କନ୍ୟା ଓ ନିର୍ଭରଶୀଳ ପିତାମାତାଙ୍କୁ ସହାୟତା ଦିଆଯାଏ। ଅବିବାହିତ ସାବାଳକଙ୍କ ମୃତ୍ୟୁ ହୋଇଥିଲେ, ନାବାଳିକା ଭାଇଭଉଣୀ ପରିବାର ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବେ । ଅତିରିକ୍ତ କେନ୍ଦ୍ରୀୟ ସହାୟତାରୁ ଲବ୍ଧ ପାଣ୍ଠି ରାଜ୍ୟ ଯୋଜନା ବଜେଟରେ ବ୍ୟବସ୍ଥା କରାଯାଏ । ୨୦୦୮-୦୯ ବର୍ଷରେ ରାଜ୍ୟ ଯୋଜନା ବଜେଟରେ ବ୍ୟବସ୍ଥା କରାଯାଏ । ୨୦୦୮-୦୯ ବର୍ଷରେ ରାଜ୍ୟ ଯୋଜନାରେ ୩୭ କୋଟି ୩ ଲକ୍ଷ ବ୍ୟବସ୍ଥା କରାଯାଇ ଜିଲ୍ଲାମାନଙ୍କୁ ୩୩ କୋଟି ୩୮ ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଏଥିରେ ୩୩୩୮୪ ଜଣ ଉପକୃତ ହୋଇଛନ୍ତି ।

**୩.୫. ବୟସ୍କଙ୍କ ଯତ୍ନ ନିମିତ୍ତ କାର୍ଯ୍ୟକ୍ରମ :-** ବୟସ୍କ ଅସହାୟବ୍ୟକ୍ତିମାନଙ୍କ ମଙ୍ଗଳ ପାଇଁ ରାଜ୍ୟ ସରକାରୀ ସହାୟତାରେ ବେସରକାରୀ ଅନୁଷ୍ଠାନ ଦ୍ୱାରା ୩ଟି ଜରାନିବାସ ଓ ଗୋଟିଏ ଦିବାଯତ୍ନ କେନ୍ଦ୍ର ପରିଚାଳିତ ହେଉଛି । କେନ୍ଦ୍ର ସରକାରଙ୍କ ସହାୟତାରେ ବେସରକାରୀ ସଂସ୍ଥାମାନେ ୪୮ଟି ଜରାନିବାସ ପରିଚାଳନା କରୁଛନ୍ତି ।

**୩.୬. ଦିବାଯତ୍ନ କେନ୍ଦ୍ର :-** କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟରେ ୬୬ଟି ଦିବାଯତ୍ନ କେନ୍ଦ୍ର କାର୍ଯ୍ୟ କରୁଛି ।

**୩.୭. ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସହାୟତା ୟୁନିଟ୍ :-** କେନ୍ଦ୍ର ସରକାରଙ୍କ ଆର୍ଥିକ ସାହାଯ୍ୟରେ ରାଜ୍ୟରେ ୪ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସହାୟତା ୟୁନିଟ୍ କାର୍ଯ୍ୟକାରୀ ହେଉଛି ।

**୩.୮. ମଦ୍ୟପାନ ଓ ନିଶା ଔଷଧ ଅପବ୍ୟବହାର ନିରାକରଣ ପଦକ୍ଷେପ:-** ମଦ୍ୟ ଓ ନିଶା ଔଷଧ କୁ ପ୍ରଭାବ ସଂପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ୨ଟି ପରାମର୍ଶ କେନ୍ଦ୍ର ସମେତ ୩୧ଟି ନିଶା ଔଷଧ ନିରାସକ୍ତ କେନ୍ଦ୍ର କାର୍ଯ୍ୟକାରୀ ହେଉଛି । କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ସ୍ୱେଚ୍ଛାସେବୀ ସଂସ୍ଥା ଏଗୁଡ଼ିକୁ ପରିଚାଳନା କରୁଛନ୍ତି ।

## ୪. ମହିଳା କଲ୍ୟାଣ କାର୍ଯ୍ୟକ୍ରମ :-

**୪.୧. ମିଶନ ଶକ୍ତି :-** ରାଜ୍ୟର ସମସ୍ତ ରାଜସ୍ୱ ଗ୍ରାମରେ ୨ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ମ.ସ୍ୱ.ସ.ଗୋ) ଗଠନ କରିବା ନିମିତ୍ତ ତା ୮.୩.୨୦୦୧ ରେ ମିଶନ ଶକ୍ତି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲା । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସଞ୍ଚୟ ଓ ଋଣ ମାଧମରେ ମିଶନ ଶକ୍ତି ଜରିଆରେ ଶକ୍ତିଶାଳୀ ହେବେ ବୋଲି ବିଶ୍ୱାସ କରାଯାଏ । ଗୋଷ୍ଠୀ ସକ୍ରିୟତା ଓ ସ୍ୱାଭାବିକ ସଞ୍ଚୟ ମନୋବୃତ୍ତି ଯୋଗୁଁ ମହିଳାମାନେ ମିଶନ ଶକ୍ତିର ସାଫଲ୍ୟରେ ଉଲ୍ଲେଖଯୋଗ୍ୟ ଭାଗୀଦାର ହୋଇପାରିଛନ୍ତି । ମିଶନ ଆଭିମୁଖ୍ୟ- ସାମାଜିକ ଆର୍ଥିକ ପ୍ରସଙ୍ଗପ୍ରତି ଧ୍ୟାନରଖି ଏକ ଆତ୍ମନିର୍ଭରଶୀଳ ସମାଜ ଗଠନ କରିବା ଯେଉଁଠି ସହଯୋଗ ମନୋବୃତ୍ତିର ସହ ମହିଳାମାନେ ବିନା ବାଧା ବା ନିର୍ଭରଶୀଳତାରେ ନିଜ ଇଚ୍ଛା ମୁତାବକ ବୃତ୍ତି ଗ୍ରହଣ କରିପାରିବେ, ଲିଙ୍ଗ ସମତା ରକ୍ଷା କରି ନେତୃତ୍ୱ ନେଇପାରିବେ ଏବଂ ସର୍ବୋପରି ପ୍ରତ୍ୟେକ ଅନ୍ୟମାନଙ୍କର ମୂଲ୍ୟବୋଧ ପ୍ରତି ସମ୍ମାନ ଜଣାଇ ସମାଜର ବୃହତ୍ତର କଲ୍ୟାଣ ପାଇଁ ଉଦ୍ୟମ କରିବେ । ମିଶନ ଶକ୍ତି ମହିଳାମାନଙ୍କ ସଶକ୍ତି କରଣରେ କାର୍ଯ୍ୟ କରୁଥିବା ସମସ୍ତ ଅଂଶୀଦାର ଯଥା- ବ୍ୟାଙ୍କ, ସ୍ୱେଚ୍ଛାସେବୀ ସଂସ୍ଥା, କ୍ଷୁଦ୍ର ଋଣ ଲଗାଣକାରୀ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କୁ ସହାୟତା ଯୋଗାଇବା ପାଇଁ ଛତ୍ରବତ୍ । ଏହା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ସଞ୍ଚୟ ଓ ଋଣଯୋଗାଣ କ୍ଷେତ୍ରରେ ଅନେକ ସାଫଲ୍ୟ ହାସଲ କରିଛି। ଏହା ମଧ୍ୟ ମହିଳାମାନଙ୍କ ନିଜସ୍ୱ ଦକ୍ଷତା ଓ ଅର୍ଜିତ ଦକ୍ଷତାକୁ ଉପଯୋଗ କରି ସେମାନଙ୍କ ଆତ୍ମ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିଛି ।

| | |
|---|---|
| ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଂଖ୍ୟା | ୩,୭୨,୭୪୮ (ଏସ୍ଏଲ୍ବିସି ତଥ୍ୟ) |
| ସଭ୍ୟା ସଂଖ୍ୟା | ୪୪,୭୨,୯୭୬ |
| ଋଣ ପରିମାଣ | ଟ.୧୨,୯୪,୪୪.୧୧ ଲକ୍ଷ |
| ସଂଞ୍ଚୟ ପରିମାଣ | ଟ.୨୩୯,୯୩.୫୦ |
| ଋଣପ୍ରାପ୍ତ ମ.ସ୍ୱ.ସ.ଗୋ. ସଂଖ୍ୟା | ୪,୧୩,୬୫୬ |
| ମହାସଂଘ ସଂଖ୍ୟା | ୭,୫୯୩ |
| ପୁନଃଋଣ ପାଇଥିବା ମ.ସ୍ୱ.ସ.ଗୋ. | ୭୭,୬୫୯ |
| ପୁନଃଋଣ ପରିମାଣ | ଟ.୪୬,୦୪୪.୧୫ ଲକ୍ଷ |

ମହିଳା ଓ ଶିଶୁ ବିକାଶ ବିଭାଗ ସବୁ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରିବା ପାଇଁ ବିଚାର କରିଛି । ବର୍ତ୍ତମାନ ସୁଦ୍ଧା ୬୦,୦୦୮ ବିଦ୍ୟାଳୟରୁ ୩୯,୦୩୪ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ମ.ସ୍ୱ.ସ.ଗୋ.ମାନଙ୍କୁ ଦିଆଯାଇଛି । କିରୋସିନିର ଖୁଚୁରା/ଅନୁପାଇକାରୀ ବ୍ୟବସାୟ ମ.ସ୍ୱ.ସ.ଗୋ. ମାନଙ୍କୁ ଦିଆଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସେମାନଙ୍କ ଦକ୍ଷତା ପରୀକ୍ଷା କରାଯାଉଛି । ୧୫,୦୦୦ ପଞ୍ଚାୟତ ପୋଖରୀରୁ ୬,୨୯୧ ପୋଖରୀ ମ.ସ୍ୱ.ସ.ଗୋ.ମାନଙ୍କୁ ଲିଜ୍ ଦିଆଯାଇଛି । ଶକ୍ତି ଗାଁ କାର୍ଯ୍ୟକ୍ରମରେ ୨,୧୩୭ ମ.ସ୍ୱ.ସ.ଗୋ.ଙ୍କୁ ଶକ୍ତି ଡ଼ିଲର ନିଯୁକ୍ତ କରାଯାଇଛି । ୨୦୧୧ ମ.ସ୍ୱ.ସ.ଗୋ. ସମ୍ପୂର୍ଣ୍ଣ ପରିମଳ ଯୋଜନାରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଛନ୍ତି । ମିଶନ ଶକ୍ତି

ଅଧୀନରେ ୭୫୯୩ ପଞ୍ଚାୟତ ସ୍ତରୀୟ, ବ୍ଲକସ୍ତରୀୟ ଓ ଜିଲ୍ଲାସ୍ତରୀୟ ମହାସଂଘ ତଥା ୪ଟି ରାଜ୍ୟସ୍ତରୀୟ ମହାସଂଘ ଗଠିତ ହୋଇଛି । ମ.ସ୍ୱ.ସ.ଗୋ. ଆନୁଷ୍ଠାନିକ ପ୍ରସବ ନିମିତ୍ତ ଗର୍ଭବତୀ ମହିଳାମାନଙ୍କୁ ପ୍ରବର୍ତ୍ତାଇବାରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରୁଥିବାରୁ ଶିଶୁ ମୃତ୍ୟୁହାର ପ୍ରତି ଏକ ହଜାରରେ ୯୮ ରୁ ୭୭ କୁ କମି ପୁନଶ୍ଚ କରିବାରେ ଲାଗିଛି । ମିଶନ ଶକ୍ତିଦ୍ୱାରା ରଜ୍ୟ ବାହାରେ ଓ ଭିତରେ ପ୍ରଦର୍ଶନୀ ଆୟୋଜନ କରାଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ଉତ୍ପାଦର ବଜାର ବ୍ୟବସ୍ଥା କରାଯାଉଛି । ବ୍ୟାଙ୍କ ଓ କ୍ଷୁଦ୍ର ଋଣ ଲଗାଣକାରୀ ସଂସ୍ଥାରୁ ଋଣ ଯୋଗାଣ କରାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ବିଶ୍ୱସନୀୟତା ଓ ଋଣବିଶ୍ୱାସ ସୃଷ୍ଟି କରାଯାଇଛି । ଋଣ ପରିଶୋଧ ନିୟମିତତାକୁ ଦେଖି ଅନେକ କ୍ଷୁଦ୍ର ଋଣ ଲଗାଣକାରୀ ସଂସ୍ଥା ଏମାନଙ୍କୁ ଋଣ ଦେବାକୁ ଆଗେଇ ଆସିଛନ୍ତି । ଏମାନଙ୍କ ମଧ୍ୟରେ ଆକ୍ସେସେ, ବେସିକ୍ସ, ଗ୍ରାମଉତ୍‌ଥାନ, ଆର ଜି ଭି ଏନ୍, ବିଶ୍ୱ ଓ ସ୍ୱୟଂଶ୍ରୀ ଅନ୍ୟତମ । ବି ମାସ ନାମକ ଗଞ୍ଜାମ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ଦେବା ଆରମ୍ଭ କରିଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସବୁ ପ୍ରକାର ସାହାଯ୍ୟ ଦେବାପାଇଁ ତା ୧.୧୨.୨୦୦୭ ରିଖରୁ ମିଶନ ଶକ୍ତି ନିଃଶୁଳ୍କ ଟେଲିଫୋନ୍ ନମ୍ବର **18003456744** ର ବ୍ୟବସ୍ଥା କରିଛି ।

**୪.୨. ମହିଳାଙ୍କ ପାଇଁ ତାଲିମ ଓ ନିଯୁକ୍ତି ସହାୟତା କାର୍ଯ୍ୟକ୍ରମ (ଷ୍ଟେପ):-** ଦରିଦ୍ର ଓ ସମ୍ବଳହୀନ ମହିଳାମାନଙ୍କର ବୃତ୍ତିଗତ ଦକ୍ଷତା ବଢ଼ାଇବା ଏବଂ ରୋଜଗାର କରିବା ନିମିତ୍ତ ବିଭିନ୍ନ ପ୍ରକାର ଆର୍ଥିକ କାର୍ଯ୍ୟକଳାପ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । କୃଷି, ପଶୁପାଳନ, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟଚାଷ, ହସ୍ତତନ୍ତ, ହସ୍ତଶିଳ୍ପ, ଖଦୀ, ଗ୍ରାମ୍ୟ ଶିଳ୍ପ, ଟସର, ସାମାଜିକ ବନିକରଣ ଓ ପତିତ ଜମି ଉନ୍ନୟନ ଇତ୍ୟାଦି କ୍ଷେତ୍ରରେ ରୋଜଗାର ଓ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ପରିଚାଳନାଗତ ଦକ୍ଷତା ବଢ଼ାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ।

**୪.୩. କର୍ମଜୀବି ମହିଳା ନିବାସ :-** ମହିଳା କଲ୍ୟାଣ ଓ ଶିକ୍ଷା କ୍ଷେତ୍ରରେ ନିୟୋଜିତ ସ୍ୱେଚ୍ଛାସେବୀ ସଂସ୍ଥା, ସମବାୟ ସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥାକୁ କର୍ମଜୀବି ମହିଳା ନିବାସ ତିଆରି କରିବା ପାଇଁ ଆର୍ଥିକ ସହାୟତା ଦିଆଯାଉଛି । କାର୍ଯ୍ୟରତ ଏକାକିନୀ ମହିଳା, ଘରଠାରୁ ଦୂରରେ କାର୍ଯ୍ୟରତ ମହିଳା, ସ୍ୱାମୀ ଠାରୁ ଦୂରରେ ଥିବା କର୍ମଜୀବି ମହିଳା, ବିଧବା, ସ୍ୱାମୀ ପରିତ୍ୟକ୍ତା ବା ପୃଥକ ରହୁଥିବା କର୍ମଜୀବି ମହିଳା ଏବଂ ବୈଷୟିକ ବା ନିଯୁକ୍ତି ସମ୍ପର୍କ୍ତ ଶିକ୍ଷା ପାଉଥିବା କିଶୋରୀ ମାନଙ୍କୁ କର୍ମଜୀବି ମହିଳା ନିବାସରେ ଶସ୍ତା ଓ ନିରାପଦ ବାସସ୍ଥାନ ଯୋଗାଇବା ଏହି ଯୋଜନାର ଲକ୍ଷ୍ୟ । ତାଲିମ ପ୍ରାପ୍ତ ବା ଅଧ୍ୟୟନରତ କିଶୋରୀ ମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ରହିବାର ସୁଯୋଗ ଦିଆଯାଇପାରେ ମାତ୍ର କର୍ମଜୀବି ମହିଳା ମାନଙ୍କୁ ଅଗ୍ରାଧିକାର ଦିଆଯିବ । ରାଜ୍ୟର ୨୨ଟି କର୍ମଜୀବି ମହିଳା ନିବାସରେ ୧୩୫୧ ଜଣ ରହିବାର ବ୍ୟବସ୍ଥା ଥିଲାବେଳେ ୨୦୦୮-୦୯ ବର୍ଷରେ ୮୨୨ ଜଣ ଅନ୍ତେବାସିନୀ ରହୁଥିଲେ । ୮ ଗୋଟି ମହିଳା ନିବାସ ନିର୍ମାଣାଧିନ ଅଛି ।

**୪.୪. ସ୍ୱାଧାର :-** ୨୦୦୧-୦୨ ବର୍ଷରେ ଏହି ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ଅସୁବିଧାଜନକ ସ୍ଥିତିରେ ପଡ଼ିଥିବା ମହିଳା ଯଥା - ପରିବାର ପରିତ୍ୟକ୍ତା କାଶି ବୃନ୍ଦାବନ ଇତ୍ୟାଦି ତୀର୍ଥ ସ୍ଥାନରେ ରହୁଥିବା, ଜେଲ ଫେରନ୍ତା କିନ୍ତୁ ପରିବାର ଦ୍ୱାରା ପରିତ୍ୟକ୍ତା, ପ୍ରାକୃତିକ ବିପର୍ଯ୍ୟୟରେ ଗୃହଶୂନ୍ୟ ହୋଇଥିବା ଏବଂ ସାମାଜିକ, ଆର୍ଥିକ ସହାୟ ସମ୍ବଳହୀନା ମହିଳା, ଅନୈତିକ କାର୍ଯ୍ୟକଳାପରୁ ଉଦ୍ଧାର ପାଇଥିବା ମହିଳା / କିଶୋରୀ ଏବଂ ବେଶ୍ୟାଳୟ ବା ଯୌନ ଅପରାଧ ରୁ ଉଦ୍ଧାର ପାଇଥିବା ମହିଳା/କିଶୋରୀ, ପରିବାର ପରିତ୍ୟକ୍ତା ବା ବିଭିନ୍ନ କାରଣରୁ ପରିବାରକୁ ଫେରିବାକୁ ଚାହୁଁନଥିବା ମହିଳା, ଦଙ୍ଗା ପ୍ରପୀଡ଼ିତା, ପରିବାର ସହାୟତାହୀନା ମହିଳା ଏବଂ ପରିବାର ବା ବନ୍ଧୁବାନ୍ଧବ ସମର୍ଥନ ରହିତା ମହିଳାମାନେ ଏହି ଯୋଜନାରେ ହିତାଧିକାରୀ । ଏମାନଙ୍କୁ ଖାଦ୍ୟ, ବାସ, ବାସସ୍ଥାନ, ସ୍ୱାସ୍ଥ୍ୟ ଯତ୍ନ, ପରାମର୍ଶ, ଆଇନ୍ ସହାୟତା, ଶିକ୍ଷା, ସଚେତନତା, ଦକ୍ଷତା ବୃଦ୍ଧି, ମନସ୍ତାତ୍ତ୍ୱିକ ତାଲିମ ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ଥଇଥାନ ଯୋଗାଇ ଦିଆଯାଇଥାଏ । ସ୍ୱେଚ୍ଛାସେବୀ ସଂସ୍ଥାଦ୍ୱାରା ପରିଚାଳିତ ୩୦ ଗୋଟି ସ୍ୱାଧାରରେ ୧୫୭୫ ଜଣ ହିତାଧିକାରୀ ଅଛନ୍ତି । ୨୦୦୮-୦୯ ବର୍ଷରେ ୨୧ ଗୋଟି ସ୍ୱାଧାର ଗୃହ କେନ୍ଦ୍ର ସରକାରଙ୍କର ମଞ୍ଜୁରୀପ୍ରାପ୍ତ ହୋଇଅଛି । ଯେଉଁଥିରେ ୧୦୫୦ ଜଣ ହିତାଧିକାରୀ ରହିପାରିବେ ।

**୪.୫. ଦୁଃସ୍ଥିତିରେ ଥିବା ମହିଳାମାନଙ୍କ ଥଇଥାନ :-** ଦୁଃସ୍ଥିତିରେ ଥିବା ମହିଳାମାନଙ୍କୁ ତାଲିମ ଓ ସହାୟତା ଦେଇ ସମାଜରେ ଥଇଥାନ କରିବା ଏହି ଯୋଜନାର ଲକ୍ଷ୍ୟ । ୬ ଗୋଟି ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ଏହା କାର୍ଯକାରୀ ହେଉଛି । ୨୦୦୮-୦୯ ବର୍ଷରେ ଏହି ସଂସ୍ଥାମାନଙ୍କୁ ୩.୧୦ ଲକ୍ଷ ଟଙ୍କା ସହାୟତା ଦିଆଯାଇଛି ।

**୪.୬. ରାଜ୍ୟ ମହିଳା ଆୟୋଗ :-** ନିମ୍ନଲିଖିତ ଲକ୍ଷ୍ୟନେଇ ରାଜ୍ୟ ମହିଳା ଆୟୋଗ ଗଠିତ ହୋଇଛି :-- (i) ମହିଳା ସାକ୍ଷରତା, ମୃତ୍ୟୁହାର ଓ ଆର୍ଥିକ ବିକାଶ (ବିଶେଷତଃ ଆଦିବାସୀ ଅଧ୍ୟୁଷିତ ଓ ଅନଗ୍ରସର ଜିଲ୍ଲା) ସମେତ ମହିଳା ମାନଙ୍କର ଆର୍ଥିକ, ଶିକ୍ଷାଗତ ଓ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅନୁଧାନ କରିବା (ii) କଳକାରଖାନା, ଅନ୍ୟାନ୍ୟ ସଂସ୍ଥା, ନିର୍ମାଣ ସ୍ଥାନ ଓ ଅନ୍ୟାନ୍ୟ ସ୍ଥିତିରେ ମହିଳାମାନଙ୍କର କାମକରିବାର ଅବସ୍ଥା ଅନୁଧାନ ଏବଂ ତା'ର ଉନ୍ନତି ନିମିତ୍ତ ସରକାରଙ୍କୁ ନିର୍ଦ୍ଦିଷ୍ଟ ସୁପାରିଶ କରିବା (iii) ବିବାହ, ଯୌତୁକ, ଧର୍ଷଣ, ଅପହରଣ, ଅପରାଧ ମୂଳକ ସ୍ଥାନାନ୍ତରକରଣ, ଅଶ୍ଳୀଳ ଇଙ୍ଗିତ, ଅନୈତିକ ଯୌନକାରବାର, ପ୍ରସବ, ବନ୍ଧ୍ୟାକରଣ କିମ୍ବା ସନ୍ତାନ ପ୍ରସବ ବେଳେ ଡ଼ାକ୍ତରୀ ଅବହେଳା ସମ୍ପର୍କ ସମେତ ମହିଳାଙ୍କ ସମ୍ପର୍କିତ ଅପରାଧ ଉପରେ ତଥ୍ୟ ସଂଗ୍ରହ କରିବା (iv) ରାଜ୍ୟ ଓ ଜିଲ୍ଲାସ୍ତରର ମହିଳା ନିର୍ଯ୍ୟାତନା ପ୍ରକୋଷ୍ଠ ଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରିବା ଏବଂ ଏ ସମ୍ପର୍କରେ ଜନସାଧାରଣଙ୍କ ମତାମତ ସୃଷ୍ଟିକରିବା ଓ ଏହି ଅପରାଧ ଗୁଡ଼ିକର ତୁରନ୍ତ ଚିହ୍ନଟ ଓ ବିବରଣୀ ପ୍ରଦାନ କରିବା (v) ମହିଳା ନିର୍ଯ୍ୟାତନା, ସର୍ବନିମ୍ନ ମଜୁରୀ, ମୌଳିକ ସ୍ୱାସ୍ଥ୍ୟ ଓ ମାତୃତ୍ୱ ସୁବିଧା, ମହିଳା ସମ୍ପର୍କିତ ରାଷ୍ଟ୍ରନୀତି ପାଳନ, ପରିତ୍ୟକ୍ତା ଏବଂ ଅସହାୟ ମହିଳାମାନଙ୍କ ଥଇଥାନ, ବେଶ୍ୟାଳୟରେ ଥିବା ମହିଳା, ହାଜତରେ ଥିବା ମହିଳା ଇତ୍ୟାଦିଙ୍କ ସମ୍ପର୍କିତ ଅଭିଯୋଗ ଗ୍ରହଣ କରିବା ଏବଂ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା (vi) ମହିଳା ମାନଙ୍କୁ ଆଇନ୍ ସହାୟତା ଯୋଗାଇଦେବା ଏବଂ ଆଇନ୍ ପରାମର୍ଶ ଯୋଗାଇଦେବା

କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥାକୁ ସାହାଯ୍ୟ କରିବା, ତାଲିମ୍ ଦେବା ଏବଂ ଦିଗ୍‌ଦର୍ଶନ ଦେବା (vii) ଜେଲ୍, ରିମାଣ୍ଡ ହୋମ ବା ଅନ୍ୟ ସ୍ଥାନରେ ମହିଳା ଅଟକ ଥିବା ଅନୁଷ୍ଠାନ ପରିଦର୍ଶନ କରିବା ଏବଂ ଅବସ୍ଥାର ଉନ୍ନତି ପାଇଁ ସୁପାରିଶ କରିବା (viii) ରାଜ୍ୟ ସରକାରଙ୍କ ଦ୍ୱାରା ନ୍ୟସ୍ତ ଅନ୍ୟାନ୍ୟ କାର୍ଯ୍ୟକରିବା । ୨୦୦୮ ମସିହା ନଭେମ୍ବର ମାସ ସୁଦ୍ଧା ଆୟୋଗ ୩୦୯୧ ମାମଲା ମଧ୍ୟରୁ ୨୫୭୮ ଫଇସଲା କରିଛନ୍ତି ।

**୪.୭. ମହିଳା ବିକାଶ ସମବାୟ ନିଗମ :-** ମହିଳା ମାନଙ୍କର କଲ୍ୟାଣ, ବିକାଶ ଓ ସଶକ୍ତିକରଣ ନିମିତ୍ତ ମହିଳା ବିକାଶ ସମବାୟ ନିଗମକୁ ନୋଡ଼ାଲ ସଂସ୍ଥା ଭାବରେ ଗଠନ କରାଯାଇଛି । ଏହି ନିଗମ ଓର୍‌ମାସ ସହିତ ମିଶି ମ.ସ୍ୱ.ସ.ଗୋ. ମାନଙ୍କର ଉତ୍ପାଦକୁ ପଲ୍ଲିଶ୍ରୀ ମେଳା, ଶିଶିର ମଞ୍ଚ ଇତ୍ୟାଦିରେ ବିକ୍ରିବଟାର ସୁବିଧା କରୁଛି । ନିଗମ ଦରିଦ୍ର ଓ ଅଭାବୀ ମହିଳା ମାନଙ୍କୁ ଦକ୍ଷତା ବୃଦ୍ଧିପାଇଁ ତାଲିମ୍ ଓ ଆର୍ଥିକ ସହାୟତା ପ୍ରଦାନ କରେ । ଏନ୍.ଏଚ୍.ଏଫ.ଡ଼ି.ସିରୁ ବିକଳାଙ୍ଗମାନେ ଋଣ ପାଇବା ପାଇଁ ଏହା ପ୍ରଣାଳୀ ସଂସ୍ଥା ଭାବରେ କାର୍ଯ୍ୟକରେ ।

**୪.୮. ଓଡ଼ିଶା ରାଜ୍ୟ ସମାଜ ମଙ୍ଗଳ ବୋର୍ଡ :-** ସ୍ୱେଚ୍ଛାସେବୀ ସଂସ୍ଥା ମାଧମରେ ମହିଳା, ଶିଶୁ, ବିକଳାଙ୍ଗ ଓ ଦରିଦ୍ର ମାନଙ୍କର ମଙ୍ଗଳ କରିବା ପାଇଁ ୧୯୫୩ ମସିହାରେ କେନ୍ଦ୍ରୀୟ ସମାଜ ମଙ୍ଗଳ ବୋର୍ଡ ପ୍ରତିଷ୍ଠା କରାଯାଇଥିଲା । ଏହା ରାଜ୍ୟ ମାନଙ୍କରେ ବୋର୍ଡ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିଲା । ତଦନୁସାରେ ୧୯୫୪ ମସିହାରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ସମାଜ ମଙ୍ଗଳ ବୋର୍ଡ କେନ୍ଦ୍ରୀୟ ବୋର୍ଡର ଅନୁଦାନରେ ବିଭିନ୍ନ କଲ୍ୟାଣକର ଯୋଜନା କାର୍ଯ୍ୟକାରୀ କରୁଛି ।

**୪.୯. କର୍ମଜୀବି ଓ ରୁଗ୍‌ଣ ମହିଳାମାନଙ୍କ ଶିଶୁ ମାନଙ୍କ ପାଇଁ ରାଜୀବ ଗାନ୍ଧୀ ଜାତୀୟ କ୍ରେଚ୍ ଯୋଜନା :-** ଏହି ଯୋଜନାରେ ରେଜେଷ୍ଟ୍ରିଭୁକ୍ତ ସ୍ୱେଚ୍ଛାସେବୀ ସଂସ୍ଥାମାନେ ନିମ୍ନ ଆୟକାରୀ ବର୍ଗର କର୍ମଜୀବି ଓ ରୁଗ୍‌ଣ ମହିଳାମାନଙ୍କ ପାଇଁ ସରକାରୀ ଆର୍ଥିକ ସହାୟତାରେ କ୍ରେଚ୍ ୟୁନିଟ୍ ପ୍ରତିଷ୍ଠା କରିଥାନ୍ତି । ପ୍ରତି ୟୁନିଟ୍‌ରେ ୬ ବର୍ଷ ପର୍ଯ୍ୟନ୍ତ ୨୫ ଜଣ ଶିଶୁଙ୍କର ସ୍ୱାସ୍ଥ୍ୟ, ପରିପୂରକ ପୁଷ୍ଟି, ପ୍ରତିଷେଧକ ବ୍ୟବସ୍ଥା ଓ ଶୟନ ଦାୟିତ୍ୱ ନିଆଯାଏ ।

**୪.୧୦. ପରିବାର ପରାମର୍ଶ କେନ୍ଦ୍ର :-** ପରିବାର ବିଭାଜନ ରୋକି ସାମାଜିକ ଛାଞ୍ଚ ରକ୍ଷା କରିବା ଓ ପରାମର୍ଶ ଜରିଆରେ ପରିବାର ମଧରେ ସଂହତି ରକ୍ଷା କରିବା ଏହି ଯୋଜନାର ଲକ୍ଷ୍ୟ । ଏଥିରେ ପରାମର୍ଶ, ମାଗଣା ଆଇନ ସାହାଯ୍ୟ ଓ ସମ୍ଭବ ହେଲେ ପରିବାର ବା ସାମାଜରେ ନିର୍ଯ୍ୟାତିତା ମହିଳାଙ୍କୁ ଥଇଥାନ ସୁବିଧା ଯୋଗାଇ ଦିଆଯାଏ । ରାଜ୍ୟର ୨୬ଟି ଜିଲ୍ଲାରେ ୩୬ ଟି ପରିବାର ପରାମର୍ଶ କେନ୍ଦ୍ରରେ ୫୪ ଜଣ ପିରବାରର ପରାମର୍ଶଦାତା କାର୍ଯ୍ୟ କରୁଛନ୍ତି ।

**୪.୧୧. ସ୍ୱଳ୍ପ ରହଣି ଗୃହ :-** କେନ୍ଦ୍ରୀୟ ସହାୟତାରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ନୈତିକ ବିପଦ, ଆବେଗିକ ବ୍ୟାଘାତ, ପାରିବାରିକ ଗଣ୍ଡଗୋଳରୁ ଖରାପ ପରିସ୍ଥିତିରେ ଥିବା ମହିଳାମାନଙ୍କୁ ଦକ୍ଷତା ଉନ୍ନତି, ସଂପର୍କରେ ଉନ୍ନତି, ମନସ୍ତାତ୍ତ୍ୱିକ ପରୀକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ମାର୍ଗଦର୍ଶନ ପାଇଁ

ଆନୁଷ୍ଠାନିକ ବ୍ୟବସ୍ଥା କରାଯାଇଥାଏ । ରାଜ୍ୟରେ ସ୍ୱେଚ୍ଛାସେବୀ ସଂସ୍ଥାମାନେ ୩୬ଟି ସ୍ୱଳ୍ପରହଣି ଗୃହ ପରିଚାଳନା କରୁଛନ୍ତି ।

**୪.୧୨. ମହିଳା ଓ ଶିଶୁ ଡେସ୍କ :-** ସମାଜର ଦୁଇଟି ଦୁର୍ବଳ ଶ୍ରେଣୀର ଅଭିଯୋଗକୁ ତୁରନ୍ତ ଧ୍ୟାନ ଦେବାପାଇଁ ରାଜ୍ୟର ୪୬୦ ଥାନାରେ ମହିଳା ଓ ଶିଶୁ ଡ଼େସ୍କ ପ୍ରତିଷ୍ଠା କରାଯାଇଛି । ବିଜୁ ପଟ୍ଟନାୟକ ପୋଲିସ୍ ଏକାଡ଼େମିକୁ ୧୭ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି ଏବଂ ଏକାଡ଼େମି ୧୮୮୪ ପୋଲିସ କର୍ମଚାରୀଙ୍କୁ ମହିଳା ଓ ଶିଶୁ ଡେସ୍କ ପରିଚାଳନା ସମ୍ପର୍କରେ ଶିକ୍ଷା ଦେଇଛି ।

**୪.୧୩. ମହିଳା ହେଲ୍ପ ଲାଇନ୍ :-** ୨୯ଟି ଜିଲ୍ଲାରେ ୩୫ ଟି ହେଲ୍ପ ଲାଇନ୍ କାର୍ଯ୍ୟ କରୁଛି ।

**୪.୧୪. ଅନୁସୂଚିତ ଜାତି/ଉପଜାତି ବାଳିକା ମାନଙ୍କୁ ବାଇସାଇକେଲ ଯୋଗାଣ :-** ଅନୁସୂଚିତ ଅଂଚଳରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀଯାଏ ଏବଂ ଅନ୍ୟ ଅଂଚଳରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଅନୁସୂଚିତ ଜାତି / ଉପଜାତି କନ୍ୟାମାନଙ୍କୁ ମାଗଣା ବାଇସାଇକେଲ୍ ଯୋଗାଇଦେବାପାଇଁ ରାଜ୍ୟ ଯୋଜନାରେ ୨୦୦୮-୦୯ ବର୍ଷରେ ୨୮ କୋଟି ୪୧ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ୧ଲକ୍ଷ ଅ.ଜା./ଉପଜାତି କନ୍ୟାଙ୍କୁ ଏହି ଯୋଜନାରେ ଉପକୃତ କରାଇବାର ଚିନ୍ତା କରାଯାଇଥିଲା ବେଳେ ୧ ଲକ୍ଷ ୯ ହଜାର ୨୯୪ କନ୍ୟା ଏଥିପାଇଁ ଚିହ୍ନଟ ହୋଇଛନ୍ତି ।

**୪.୧୫. ଧନଲକ୍ଷ୍ମୀ ଯୋଜନା :-** କୋରାପୁଟ ଜିଲ୍ଲାର ଶିମିଳିଗୁଡ଼ା ଓ ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକରେ ପ୍ରାୟ ୧୯ ହଜାର ୩୦୦ କିଶୋରୀ ଏହି ଯୋଜନାରେ ଉପକୃତ ହେବାର ଚିନ୍ତା କରାଯାଇଛି ।

**୪.୧୬. ଯୌତୁକ ନିରେଧ ଆଇନ୍ ୧୯୬୧:-** ଏହି ଆଇନ୍‌ର ୧୦ ଧାରା ଅନୁସାରେ ରାଜ୍ୟ ସରକାର ଯୌତୁକ ନିରୋଧ ନିୟମାବଳୀ, ୨୦୦୦ ପ୍ରଣୟନ କରିଛନ୍ତି । ଉପଖଣ୍ଡ ମାଜିଷ୍ଟ୍ରେଟ୍ ମାନଙ୍କୁ ଯୌତୁକ ନିରୋଧ ଅଧିକାରୀ ଭାବରେ ନିଯୁକ୍ତି ଦିଆଯାଇଛି । ସେମାନେ ଯୌତୁକ ଜନିତ ଅଭିଯୋଗର ତଦନ୍ତ କରି ଆଇନ ଅନୁସାରେ ପଦକ୍ଷେପ ନେବେ । ପ୍ରତି ଉପଖଣ୍ଡ ସ୍ତରରେ ପରାମର୍ଶ ବୋର୍ଡ ଗଠନ କରାଯାଇଛି । ଏଗୁଡ଼ିକ ଯୌତୁକ ନିରୋଧ୍ ଅଧିକାରୀଙ୍କୁ କାର୍ଯ୍ୟକରିବାରେ ସାହାଯ୍ୟ କରିବେ ।

**୪.୧୭. କର୍ମକ୍ଷେତ୍ରରେ ମହିଳାମାନଙ୍କୁ ନିର୍ଯ୍ୟାତନା :-** ସୁପ୍ରିମ୍ କୋର୍ଟ ଡବ୍ଲୁ.ପି. (ସି) ୬୬୬୭୦/ ୧୯୯୨, ବିଶାଖା ବନାମ ରାଜସ୍ଥାନ ମୋକଦ୍ଦମାରେ ଏ ସମ୍ପର୍କରେ ଯେଉଁ ନିର୍ଦ୍ଦେଶାବଳୀ ଦେଇଛନ୍ତି ରାଜ୍ୟ ସରକାର ତାହାକୁ କାର୍ଯ୍ୟକାରୀ କରିଛନ୍ତି ଏବଂ କର୍ମ କ୍ଷେତ୍ରରେ ବିଶୃଙ୍ଖଳ କର୍ମଚାରୀଙ୍କୁ ଶୃଙ୍ଖଳିତ ଓ ସତର୍କ କରାଇଦେବା ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ପୁସ୍ତିକା ଆକାରରେ ପ୍ରକାଶ କରିଛନ୍ତି ।

**୪.୧୮. ଆନ୍ତର୍ଜାତୀୟ ମହିଳା ଦିବସ :-** ମିଶନ ଶକ୍ତିର ପ୍ରତିଷ୍ଠାକୁ ସ୍ମରଣ ରଖି ରାଜ୍ୟ ସରକାର ପ୍ରତ୍ୟେକ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ମାର୍ଚ୍ଚ ୮ ତାରିଖକୁ ଶକ୍ତି ଦିବସ ଭାବରେ ପାଳନ କରୁଛନ୍ତି ।

## ୫.    ଶିଶୁ ମାନଙ୍କ ପାଇଁ କାର୍ଯ୍ୟକ୍ରମ :-

**୫.୧. ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ :-** ଶିଶୁ ମାନଙ୍କ ସମ୍ପର୍କୀୟ ବିଶେଷତଃ ଅସୁବିଧା ସ୍ଥିତିରେ ଥିବା ଶିଶୁମାନଙ୍କ ସମସ୍ତ କାର୍ଯ୍ୟକ୍ରମ/ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ନୋଡ଼ାଲ ସଂସ୍ଥାଭାବରେ ଏହି ପରିଷଦ ଗଠିତ ହୋଇଛି । ପୋଷ୍ୟସନ୍ତାନ ସମ୍ପର୍କିତ ଦରଖାସ୍ତ ଯାଞ୍ଚ କରିବା ପାଇଁ ଏହାକୁ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସମ୍ବଳ ସଂସ୍ଥା ଭାବରେ ନାମିତ କରାଯାଇଛି । ଡ଼ିମଡ୍ ଅନାଥ ମାନଙ୍କୁ ଏହି ପରିଷଦ ଯାଞ୍ଚ କରେ । ପରିଷଦ ୬ଟି ବାଳାଶ୍ରମ ଏବଂ ୯ଟି ଅଙ୍ଗନୱାଡ଼ି ତାଲିମ୍ କେନ୍ଦ୍ର ପରିଚାଳନା କରୁଛନ୍ତି । ୨୦୦୮-୦୯ ବର୍ଷରେ ରାଜ୍ୟ ସରକାର ପରିଷଦକୁ ୧.୬୧ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି ।

**୫.୨. ଓଡ଼ିଶା ଅନାଥ ଓ ଅନ୍ୟାନ୍ୟ ଦାତବ୍ୟ ଗୃହ (ପରିଦର୍ଶନ ଓ ନିୟନ୍ତ୍ରଣ) ଆଇନ୍,୧୯୬୦:-** ସମାଜରେ ମିଶିବାପାଇଁ ଦାୟିତ୍ୱ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ମାନଙ୍କୁ ଅନାଥାଶ୍ରମରେ ରଖାଯାଏ। ସେମାନଙ୍କୁ ସାଧାରଣ ଶିକ୍ଷା ବା ବୈଷୟିକ ତାଲିମ ଦିଆଯାଏ । ସେମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଓ ନୈତିକ ଅଭିବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଏ । ଯୋଗ, ସଂଗୀତ ଓ ଖେଳ ମାଧମରେ ସେମାନଙ୍କୁ ପାଠ୍ୟକ୍ରମେତର କାର୍ଯ୍ୟକ୍ରମରେ ସଂପୃକ୍ତ କରାଯାଏ । ସେମାନଙ୍କର ଘରୋଇ ପାଠ ଦେଖିବା ପାଇଁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ / ଶିକ୍ଷକ ମାନଙ୍କୁ ନିୟୋଜିତ କରାଯାଏ । ରାଜ୍ୟର ୮୬ ଟି ଅନାଥ ଅନୁଷ୍ଠାନରେ ୫୬୨୮ ଜଣ ୧୮ ରୁ ୨୫ ବର୍ଷ ବୟସ୍କ ବାଳକ ବାଳିକା ରହିପାରିବେ । ଏହି ଅନୁଷ୍ଠାନ ଗୁଡ଼ିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଦ୍ୱାରା ପରିଚାଳିତ । ଦେଓଗଡ଼ ଜିଲ୍ଲାକୁ ଛାଡ଼ି ଅନ୍ୟସବୁ ଜିଲ୍ଲାରେ ଥିବା ଅନାଥ ଅନୁଷ୍ଠାନକୁ ସରକାର ପିଲାପ୍ରତି ମାସିକ ୫୦୦ ଟଙ୍କା କରି ଆର୍ଥିକ ସାହାଯ୍ୟ ଦେଇଥାନ୍ତି । ୨୦୦୮-୦୯ ବର୍ଷରେ ଅଣ ଯୋଜନାରେ ଏଥିପାଇଁ ୩୬୧.୮୯ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

**୫.୩. ଡ଼ିମ୍ଡ ଅନାଥାଶ୍ରମ :-** ଜେଲ୍‌ରେ ମା' ପାଖରେ ୫ ବର୍ଷରୁ କମ୍ ଶିଶୁଥିଲେ ସେହି ଜେଲ, ସ୍ୱଳ୍ପ ରହଣୀ ଗୃହ, ବ୍ରହ୍ମପୁରର ମହିଳାମାନଙ୍କ ପାଇଁ କେନ୍ଦ୍ରୀୟ ଗୃହ କୁ ଡ଼ିମ୍‌ଡ ଅନାଥାଶ୍ରମ ମନେ କରାଯାଏ ଏବଂ ପ୍ରତିଶିଶୁ ପାଇଁ ମାସିକ ୨୫୦ ଟଙ୍କା ହିସାବରେ ବିଭାଗ ଆର୍ଥିକ ସାହାଯ୍ୟ ଦେଇଥାଏ । ୨୦୦୮-୦୯ ବର୍ଷରେ ଏଥିପାଇଁ ୧୭.୦୬ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

**୫.୪. ରାସ୍ତାର ପିଲାଙ୍କ ପାଇଁ ସମନ୍ୱିତ କାର୍ଯ୍ୟକ୍ରମ :-** ଶିଶୁ ମାନଙ୍କୁ ରାସ୍ତାର ଜୀବନରୁ ହଟାଇ ଆଣିବା ଏବଂ ଦୀନତାରୁ ରକ୍ଷା କରିବା ଏହି ଯୋଜନାର ଲକ୍ଷ୍ୟ । ଗୃହ ଓ ପରିବାର ସମର୍ଥନ ରହିତ ଶିଶୁ ମାନଙ୍କୁ ନିର୍ଯ୍ୟାତନା ଓ ଶୋଷଣରୁ ରକ୍ଷା କରିବା ଯୋଜନାର ଆଭିମୁଖ୍ୟ । ରୁଚିକା ସାମାଜିକ ସେବା ନାମକ ଭୁବନେଶ୍ୱରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୬ଟି କେନ୍ଦ୍ରରେ ୩୦୦ ପିଲାଙ୍କର ଦାୟିତ୍ୱ ନେଉଛନ୍ତି । ରାଜ୍ୟ ସରକାର ଏହିକାର୍ଯ୍ୟକ୍ରମକୁ ଅନୁଶୀଳନ କରୁଥିବାବେଳେ କେନ୍ଦ୍ର ସରକାର ଏଥିପାଇଁ ଆର୍ଥିକ ସହାୟତା ଦେଉଛନ୍ତି ।

**୫.୫. କିଶୋର ନ୍ୟାୟ (ଶିଶୁ ମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୦୦ :-** ୩୦ ଟି ଜିଲ୍ଲାରେ କିଶୋର ନ୍ୟାୟ ବୋର୍ଡ ଗଠନ କରାଯାଇଛି । ରାଜ୍ୟରେ ୧୫ ଟି ପର୍ଯ୍ୟବେକ୍ଷଣ ଗୃହ କାର୍ଯ୍ୟକାରୀ ହେଉଛି, ସେଥିରୁ ୧୨ଟି ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କଦ୍ୱାରା ଓ ୩ଟି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି । ୨୦୦୩ ମସିହାରେ ୩୦ ଟି ଜିଲ୍ଲାରେ ଶିଶୁ କଲ୍ୟାଣ କମିଟି ଗଠିତ ହୋଇଥିଲା । ଏହାପରେ ୨୫ଟି ଜିଲ୍ଲା କମିଟି ପୁନର୍ଗଠିତ ହୋଇଛି । ରାଜ୍ୟ ସରକାର ୪୬ଟି ଶିଶୁ ଯତ୍ନ ଅନୁଷ୍ଠାନକୁ ଶିଶୁ ଗୃହ ଘୋଷଣା କରିଛନ୍ତି । ଏଗୁଡ଼ିକ ତଦନ୍ତ ଅଧିନ ଶିଶୁ ମାନଙ୍କର ଯତ୍ନ ନେଇଥାନ୍ତି। ପରେ ସେମାନଙ୍କର ଯତ୍ନ, ଚିକିତ୍ସା, ଶିକ୍ଷା, ତାଲିମ, ବିକାଶ ଓ ଥଇଥାନ କଥା ବୁଝନ୍ତି । ସରକାର ୮୫ ଟି ଅନାଥାଶ୍ରମ ପରିଚାଳନା କରି ଅସହାୟ ଅନାଥ ଶିଶୁମାନଙ୍କର ଭରଣ ପୋଷଣ, ଯତ୍ନ ଓ ଥଇଥାନ ବୁଝୁଛନ୍ତି । ପରିତ୍ୟକ୍ତ ଶିଶୁମାନଙ୍କର ଥଇଥାନ ପାଇଁ ରାଜ୍ୟ ପୋଷ୍ୟ ସନ୍ତାନ ପ୍ରକୋଷ୍ଠ ଗଠିତ ହୋଇଛି । ଏହା ପୋଷ୍ୟ ସନ୍ତାନ ଗ୍ରହଣ କାର୍ଯ୍ୟକଳାପର ଉନ୍ନତି ଓ ତଦାରଖ ସଂପର୍କିତ କାର୍ଯ୍ୟକରେ । କିଶୋର କଲ୍ୟାଣ ପାଣ୍ଠି ଗଠିତ ହୋଇଛି । କିଶୋର ସେବା ରାଜ୍ୟ ପରାମର୍ଶ ପରିଷଦ ଗଠିତ ହୋଇଛି । ଏହା ବିଭିନ୍ନ ଅନୁଷ୍ଠାନ, ତାଲିମ, ଥଇଥାନ ଓ ଆଇନର ଯଥାଯଥ ପାଳନ କଥା ଦେଖେ ।

**୫.୬. ପୋଷ୍ୟ ସନ୍ତାନ ଗ୍ରହଣ :-** ଅନ୍ତର୍ଦେଶୀୟ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଶିଶୁ ଗୃହ ଗୁଡ଼ିକୁ କେନ୍ଦ୍ରୀୟ ସହାୟତା ମିଳୁଛି । ସ୍ୱେଚ୍ଛାସେବୀ ସଂସ୍ଥାମାନେ ଶିଶୁ ଗୃହ ଜରିଆରେ ଅନ୍ତର୍ଦେଶୀୟ ପୋଷ୍ୟ ସନ୍ତାନ ଗ୍ରହଣ କାର୍ଯ୍ୟକ୍ରମର ବିକାଶ କରୁଛନ୍ତି । ରାଜ୍ୟରେ ୬ଟି ଶିଶୁ ଗୃହ ଓ ୨ଟି ପ୍ଲେସମେଣ୍ଟ ସଂସ୍ଥା ଅଛି । ପୋଷ୍ୟ ସନ୍ତାନ ଗ୍ରହଣ ସଂପର୍କିତ / ଶିଶୁ ଅପବ୍ୟବହାର ସଂପର୍କିତ ଅଭିଯୋଗ ତଦନ୍ତ ପାଇଁ ସଂଯୋଗ ନାମକ କଟକର ସ୍ୱେଚ୍ଛାସେବୀ ସଂସ୍ଥାକୁ ରାଜ୍ୟ ପୋଷ୍ୟ ସନ୍ତାନ ସମନ୍ୱୟ ସଂସ୍ଥା ନିଯୁକ୍ତ କରାଯାଇଛି । ରାଜ୍ୟ ସରକାର ୨୦୦୮-୨୦୦୯ ବର୍ଷରେ ଏହି ସଂସ୍ଥାକୁ ଟ.୫୦,୦୦୦ଙ୍କା ସହାୟତା ଦେଇଛନ୍ତି ।

**୫.୭. ଚାଇଲ୍ଡ ଲାଇନ :-** ଅତି ଦୁଃସ୍ଥିତିରେ ଥିବା ଶିଶୁମାନଙ୍କୁ ତୁରନ୍ତ ଦାୟିତ୍ୱ ନେବା ତଥ୍ୟ ପାଇଁ ୨୪ ଘଣ୍ଟା ନିଃଶୁଳ୍କ ଟେଲିଫୋନ ଅଛି । ଏହାକୁ ଚାଇଲ୍ଡ ଲାଇନ କୁହାଯାଉଛି ଏବଂ ଏହାର ନମ୍ବର ୧୦୯୮ । ଚାଇଲ୍ଡ ଲାଇନ୍ କେନ୍ଦ୍ରୀୟ ଆର୍ଥିକ ସହାୟତାରେ ଭୁବନେଶ୍ୱର, କଟକ, ବରହମପୁର, ପୁରୀ ଓ ରାଉରକେଲାରେ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଚାଲିଛି ।

**୫.୮. ବିଶ୍ୱ ଶିଶୁ ଦିବସ :-** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ବିଶ୍ୱ ଶିଶୁ ଦିବସ ଭାବରେ ପାଳିତ ହେଉଛି । ଓଡ଼ିଶାରେ ୨୦୦୮ ନଭେମ୍ବର ୧୩ ଓ ୧୪ ତାରିଖରେ ପ୍ରାୟ ୫୦୦ ଅନାଥ ଶିଶୁଙ୍କୁ ନେଇ ଖେଳକୁଦ, ମନୋରଞ୍ଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

**୫.୯. ଆଶ୍ରୟ ଗୃହ :-** ରାଜ୍ୟରେ ୩୨ଟି ଆଶ୍ରୟ ଗୃହ ପ୍ରତିଷ୍ଠିତ ହୋଇଛି ।

**୬. ବିକଳାଙ୍ଗ କଲ୍ୟାଣ :-**

**୬.୧. ବିକଳାଙ୍ଗ ଜନସଂଖ୍ୟା:-** ୨୦୦୧ ଜନଗଣନା ଅନୁଯାୟୀ ରାଜ୍ୟରେ ୧୦.୨୧ ଲକ୍ଷ ବିକଳାଙ୍ଗ ବ୍ୟକ୍ତି ଥିଲେ । ସେମାନଙ୍କ ମଧ୍ୟରୁ ୫.୧୪ ଲକ୍ଷ ଦୃଷ୍ଟିହୀନ, ୦.୬୯ ଲକ୍ଷ ମୂକ, ୦.୮୪ ଲକ୍ଷ ବଧିର, ୨.୮୧ ଲକ୍ଷ ଗତି ବିକଳାଙ୍ଗ ଓ ୧.୬୪ ଲକ୍ଷ ମାନସିକ କ୍ରିୟା ଅକ୍ଷମ । ୨୦୦୨ ମସିହା ଜାତୀୟ ସର୍ବେକ୍ଷଣ ସଂସ୍ଥା ସର୍ବେକ୍ଷଣ ଅନୁଯାୟୀ ଓଡ଼ିଶାରେ ୧ ଲକ୍ଷ ଲୋକରେ ୨୪୫୯ ବିକଳାଙ୍ଗ । ପୁରୁଷମାନଙ୍କ କ୍ଷେତ୍ରରେ ଏହା ୨୫୮୬ ହେବାବେଳେ ମହିଳାମାନଙ୍କ ପାଇଁ ଏହା ୨୩୩୦ ।

**୬.୨. ମଧୁବାବୁ ପେନ୍‌ସନ ଯୋଜନା :-** ପୂର୍ବ ପ୍ରଚଳିତ ଓଡ଼ିଶା ବିକଳାଙ୍ଗ ଭତ୍ତା ଯୋଜନା ତା.୧.୧.୨୦୦୮ ରିଖଠାରୁ ମଧୁବାବୁ ଭତ୍ତା ଯୋଜନାରେ ସାମିଲ ହୋଇଛି । ପର୍ବରୁ ୧,୧୫,୦୦୦ ପରିବର୍ତ୍ତେ ବର୍ତ୍ତମାନ ୨,୦୩,୦୦୦ ବିକଳାଙ୍ଗ ବ୍ୟକ୍ତି ଭତ୍ତା ପାଉଛନ୍ତି ।

**୬.୩. ଭିନ୍ନକ୍ଷମ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ :-** ସ୍ୱତନ୍ତ୍ର ପ୍ରଶିକ୍ଷିତ ଶିକ୍ଷକମାନଙ୍କ ଦ୍ୱାରା ସ୍ୱତନ୍ତ୍ର ବିଦ୍ୟାଳୟରେ ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ପିଲାମାନଙ୍କୁ ମାଗଣା ଶିକ୍ଷାଦେବା ଏହି ପ୍ରକଳ୍ପର ଲକ୍ଷ୍ୟ । ରାଜ୍ୟ ସରକାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଦୃଷ୍ଟିହୀନମାନଙ୍କ ପାଇଁ ୨ ଓ ବଧିର ମାନଙ୍କ ପାଇଁ ୨ଟି ସ୍ୱତନ୍ତ୍ର ବିଦ୍ୟାଳୟ ଚଳାଉଥିବା ବେଳେ, ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ ସଂସ୍ଥା ୫୦ଟି ସ୍ୱତନ୍ତ୍ର ବିଦ୍ୟାଳୟ ଚଳାଉଛନ୍ତି । ଏଥିରୁ ୧୮ ଟି ବିଦ୍ୟାଳୟ ଦୃଷ୍ଟିହୀନ, ୨୧ ଟି ବିଦ୍ୟାଳୟ ବଧିର ଓ ୧୧ ଟି ବିଦ୍ୟାଳୟ ମାନସିକ ଅନଗ୍ରସରଙ୍କ ପାଇଁ । ଏହି ୫୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ୨୯୩୯ । ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଖ୍ୟା ୬୨୦। ୨୦୦୮-୦୯ ବର୍ଷରେ ଅଣଯୋଜନାରେ ୪୫୮.୭୨ ଲକ୍ଷ ଟଙ୍କା ଓ ରାଜ୍ୟ ଯୋଜନାରେ ୧୨ ଲକ୍ଷ ଟଙ୍କା ବ୍ୟବସ୍ଥା ହୋଇଥିଲା । ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ଅନୁଦାନରେ ସ୍ୱେଚ୍ଛାସେବୀ ସଂସ୍ଥାମାନେ ୬୧ଟି ବିଦ୍ୟାଳୟ ପରିଚାଳନା କରୁଛନ୍ତି, ଯାହାର ଛାତ୍ରଛାତ୍ରୀ ସଂଖ୍ୟା ୨୮୪୩ ।

**୬.୪. ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ତାଲିମ ଓ ଥଇଥାନ :-** ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସାଧାରଣ ଓ ବୈଷୟିକ ଶିକ୍ଷା ଦ୍ୱାରା ଚାକିରୀ / ଆତ୍ମନିଯୁକ୍ତି ପାଇଁ ଉପଯୁକ୍ତ କରିବା ପାଇଁ ଦୃଷ୍ଟିହୀନ, ବଧିର ଓ ଶାରୀରିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ସଂପୃକ୍ତ ସଂଗଠନ ଏହି ବର୍ଗର ବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ଲେଖାଏଁ ବୈଷୟିକ ତାଲିମ କେନ୍ଦ୍ର ସ୍ଥାପନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଠାରୁ ସାହାଯ୍ୟ ପାଇ ବେସରକାରୀ ସଂସ୍ଥାମାନେ ୭ଟି ତାଲିମ୍ କେନ୍ଦ୍ର ପରିଚାଳନା କରୁଛନ୍ତି ।

**୬.୫. ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ବାଣିଶ୍ରୀ ବୃତ୍ତି ଯୋଜନା :-** ବୈଷୟିକ ଓ କାରିଗରୀ ବିଦ୍ୟା ସମେତ ସବୁ ପାଠ୍ୟକ୍ରମରେ ପ୍ରାଥମିକରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସ୍ୱୀକୃତୀପ୍ରାପ୍ତ ସାଧାରଣ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ବିକଳାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ବୃତ୍ତି ୨୦୦୮-୦୯ ବର୍ଷରୁ ଦିଆଯାଉଛି । ବୃତ୍ତିହାର ନିମ୍ନମତେ ସଂଶୋଧନ କରାଯାଇଛି -:

| **ଶ୍ରେଣୀ (ରାଜ୍ୟ ଭିତରେ) ବୃତ୍ତି** | **ପ୍ରଚଳିତ ହାର (ମାସିକ/ଟଙ୍କା )** | **ସଂଶୋଧିତ ହାର (ମାସିକ/ଟଙ୍କା )** |
|---|---|---|
| ପ୍ରଥମ ରୁ ପଞ୍ଚମ ଶ୍ରେଣୀ | ୨୦ | ୧୦୦ |
| ଷଷ୍ଠ, ସପ୍ତମ ଏବଂ ଅଷ୍ଟମରୁ ଦଶମ | ୪୦ | ୧୪୦ |
| +୨, +୩ | ୬୦ | ୧୬୦ |
| ସ୍ନାତକୋତ୍ତର | ୬୦ | ୧୯୦ |
| କାରିଗରି ଓ ବୈଷୟିକ ତାଲିମ | ୬୦ | ୧୯୦ |
| **ରାଜ୍ୟ ବାହାରେ (କେବଳ ଅନ୍ଧ ମାନଙ୍କ ପାଇଁ ) ପାଠକୀୟ ଭତ୍ତା** | | |
| ପ୍ରଥମ ରୁ ପଞ୍ଚମ ଶ୍ରେଣୀ | ୩୦ | ୧୦୦ |
| ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ରୁ ଦଶମ | ୬୦ | ୧୫୦ |
| ଅଷ୍ଟମ ରୁ ଦଶମ | ୬୦ | ୧୫୦ |
| ଅନ୍ୟାନ୍ୟ ପାଠ୍ୟକ୍ରମ | ୬୦ | ୨୦୦ |
| ପରିବହନ ଭତ୍ତା (କେବଳ ୭୫% ବା ଅଧିକ ଚଳତ୍‌ଶକ୍ତି ଅକ୍ଷମ ଛାତ୍ରଙ୍କ ପାଇଁ | ୫୦ | ୧୦୦ |

୨୦୦୭-୦୮ ବର୍ଷରେ ୬୮୦୮ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଉପକୃତ ହୋଇଥିବାବେଳେ ୨୦୦୮-୦୯ ବର୍ଷରେ ୮୭୩୨ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ।

**୬.୬. ସାମର୍ଥ୍ୟ ଶିବିରରେ ବିକଳାଙ୍ଗ ମାନଙ୍କୁ ସହାୟକ ଯନ୍ତ୍ର/ଉପକରଣ ଯୋଗାଣ :-** ୬୫୦୦ ଟଙ୍କାରୁ କମ୍ ଆୟ ପରିବାରର ଭିନ୍ନକ୍ଷମ ମାନଙ୍କୁ ସମ୍ପୂର୍ଣ୍ଣ ମାଗଣା ସାହଯକ ଯନ୍ତ୍ର/ ଉପକରଣ ଏବଂ ୬୫୦୧ ଟଙ୍କାରୁ ୧୦,୦୦୦ଟଙ୍କା ଯାଏ ଆୟଥିବା ପରିବାରର ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଶତକଡ଼ା ୫୦ମୂଲ୍ୟରେ ସହାୟକ ଯନ୍ତ୍ର/ ଉପକରଣ ଯୋଗାଇଦେବା କେନ୍ଦ୍ର ସରକାରଙ୍କ ଏ.ଡ଼ି.ଆଇ.ପି ଯୋଜନାର ଲକ୍ଷ୍ୟ । ୨୦୦୮ ଜାନୁୟାରୀ ମାସରେ ବ୍ଲକ୍ ସ୍ତରୀୟ ସିଙ୍ଗଲ ଓ୍ୱିଣ୍ଡୋ ଶିବିର ଆତ୍ମ ନିଯୁକ୍ତି ପରାମର୍ଶ ମେଳାରେ ୧ଲକ୍ଷ ୪୦ ହଜାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ମଧ୍ୟରୁ ୪୫୦୦ ଙ୍କୁ ସହାୟକ ଯନ୍ତ୍ର / ଉପକରଣ ଯୋଗାଇ ଦିଆଯାଇଥିଲା । ଏଡ଼ିଆଇପି ସ୍କିମ୍‌ରେ ଭାରତ ସରକାର ସେଚ୍ଛାସେବୀ ସଂସ୍ଥାକୁ ଏଥିପାଇଁ ୧କୋଟି ୩୩ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ରାଜ୍ୟ ସରକାର ୨୦୦୮-୦୯ ରେ ଅଣ ଯୋଜନାରେ ୧୭୩.୯୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ।

**୬.୭. ଭିନ୍ନକ୍ଷମ ଛାତ୍ରମାନଙ୍କ ପାଇଁ ଶିକ୍ଷକ ମାନଙ୍କ ତାଲିମ କେନ୍ଦ୍ର :-** ରାଜ୍ୟରେ ଦୃଷ୍ଟିହୀନ ଛାତ୍ରଙ୍କ ଶିକ୍ଷକଙ୍କ ପାଇଁ ଗୋଟିଏ ତାଲିମ୍ କେନ୍ଦ୍ର, ବଧିର ଛାତ୍ରଙ୍କ ଶିକ୍ଷକଙ୍କ ପାଇଁ ଗୋଟିଏ ତାଲିମ୍ କେନ୍ଦ୍ର ଏବଂ ମାନସିକ ଅନଗ୍ରସର ଛାତ୍ରଙ୍କ ଶିକ୍ଷକଙ୍କ ପାଇଁ ଗୋଟିଏ ତାଲିମ୍ କେନ୍ଦ୍ର ଅଛି । ପ୍ରଥମ ଦୁଇଟି ତାଲିମ୍ କେନ୍ଦ୍ର ଯଥାକ୍ରମେ -ଏନ୍.ଆଇ.ଭି.ଏଚ୍. ଡ଼େରାଡୁନ ଓ ଏନ୍.ଆଇ.ଏଚ୍.ଏଚ୍, ମୁମ୍ବାଇ ସହାୟତାରେ ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବାବେଳେ ତୃତୀୟଟି ଭୁବନେଶ୍ୱରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚେତନା ଦ୍ୱାରା ପରିଚାଳିତ । ପ୍ରଥମ ଦୁଇଟି କେନ୍ଦ୍ରର ଛାତ୍ର ଗ୍ରହଣ କ୍ଷମତା ୨୦ ଓ ୨୦ ହୋଇଥିବା ବେଳେ ତୃତୀୟ କେନ୍ଦ୍ରର କ୍ଷମତା ୪୦ । ରାଜ୍ୟ ସରକାର ଏହି ଅନୁଷ୍ଠାନ ମାନଙ୍କୁ ୪ କୋଟି ୭୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି ।

**୬.୮. କୁଷ୍ଠ ରୋଗମୁକ୍ତ ବ୍ୟକ୍ତିମାନଙ୍କ ଥଇଥାନ :-** କୁଷ୍ଠ ରୋଗମୁକ୍ତ ବ୍ୟକ୍ତିମାନଙ୍କ ସାମାଜିକ ନିରାପତ୍ତା ଓ ଆର୍ଥିକ ସହାୟତା ପାଇଁ ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଓ କଟକର ଦୟାଶ୍ରମ ପରିକଳ୍ପନା କାର୍ଯ୍ୟକାରୀ କରୁଛନ୍ତି । ୨୦୦୮-୦୯ ବର୍ଷରେ ୨୪୨ ଜଣ ବ୍ୟକ୍ତି ୧୮.୫୫ ଲକ୍ଷ ଟଙ୍କା ରାଜ୍ୟ ଯୋଜନାରୁ ଆର୍ଥିକ ସହାୟତା ପାଇଛନ୍ତି । ଭାରତ ସରକାର ୬ଟି ସ୍ୱେଚ୍ଛାସେବୀ ସଂସ୍ଥାକୁ କୁଷ୍ଠରୋଗ ମୁକ୍ତ ବ୍ୟକ୍ତିମାନଙ୍କ ଥଇଥାନ ଅନୁଦାନ ଯୋଗାଇଦେଉଛନ୍ତି ।

**୬.୯. ଋଣ :-** ମହିଳା ସମବାୟ ବିକାଶ ନିଗମ ଜରିଆରେ ଏନ୍.ଏଚ୍.ଏଫ୍.ଡ଼ି.ସିରୁ ୧୯୬୧ ଜଣ ଚିହ୍ନଟ ଭିନ୍ନକ୍ଷମ ବ୍ୟକ୍ତିଙ୍କ ମଧ୍ୟରୁ ୧୭୫୧ ଜଣଙ୍କୁ ୯ କୋଟି ୩୬ ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇଥିବା ବେଳେ ୮ କୋଟି ୨ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି ।

**୬.୧୦. ନିଯୁକ୍ତି :-** ରାଜ୍ୟ ସରକାର ଭିନ୍ନକ୍ଷମ ମାନଙ୍କ ପାଇଁ ସରକାରୀ ଚାକିରିରେ ୩% ସ୍ଥାନ ସଂରକ୍ଷଣ ରଖିଛନ୍ତି । ସେମାନଙ୍କ ପାଇଁ ଚିହ୍ନିତ ହୋଇଥିବା ୬୦୩ ପଦବୀରୁ ଗ୍ରୁପ୍ ଏ ୧୨, ଗ୍ରୁପ୍ ବି-୫୪, ଗ୍ରୁପ୍ ସି-୪୨୨ ଓ ଗ୍ରୁପ୍ ଡ଼ି-୧୧୫ ।

**୬.୧୧. ଭିନ୍ନକ୍ଷମଙ୍କ ପାଇଁ ନିଯୁକ୍ତି ମେଳା :-** ରାଜ୍ୟ ନିଯୁକ୍ତି ମିଶନ ସହଯୋଗରେ ୨୦୦୮ ମସିହାରେ ୩୧୪ ବ୍ଲକ୍ ସଦର ମହକୁମାରେ ଆତ୍ମନିଯୁକ୍ତି ପରାମର୍ଶ ମେଳା କରାଯାଇ ୧୬ ରୁ ୪୫ ବର୍ଷ ବୟସ୍କ ଭିନ୍ନକ୍ଷମଙ୍କୁ ଦକ୍ଷତା ବୃଦ୍ଧି ଓ ଆତ୍ମନିଯୁକ୍ତି ନିଯୁକ୍ତି ପାଇଁ ଆନୁଷ୍ଠାନିକ ଭାବରେ ଚିହ୍ନଟ କରାଯାଇଥିଲା । ୨୦୦୮-୦୯ ବର୍ଷରେ ୧୪୯୦୦ ବ୍ୟକ୍ତି ବ୍ୟାଙ୍କ ଋଣ ଯୋଗୁ ଆତ୍ମ ନିଯୁକ୍ତି ଏବଂ ୨୧୦୦ ବ୍ୟକ୍ତି ଦକ୍ଷତା ବୃଦ୍ଧି ତାଲିମ ପାଇଥିଲେ ।

**୬.୧୨. ବୃତ୍ତି ଚିହ୍ନଟ ଓ ତାଲିମ :-** ୨୪ ଜଣ ଦୃଷ୍ଟିହୀନ ସିପେଟ୍‌ରେ କମ୍ପ୍ୟୁଟର ଟ୍ରେନିଂ ଓ ୧୧ ଜଣ ଶାରିରୀକ ବିକଳାଙ୍ଗ ଓ ବଧିର ସ୍ୱତନ୍ତ୍ର ଶିକ୍ଷାରେ ଡ଼ିପ୍ଲୋମା ପାଇଛନ୍ତି । ଭୁବନେଶ୍ୱର ଏନ୍.ଆଇ.ଆଇ.ଟିରେ କମ୍ପ୍ୟୁଟର ତାଲିମ ପାଇଁ ୬୮ ଜଣ ବଛା ହୋଇଛନ୍ତି । ୩୦୦ ଜଣ ଭିନ୍ନକ୍ଷମଙ୍କ ଦକ୍ଷତା ବୃଦ୍ଧି ତାଲିମ ପାଇଁ ଅର୍ଥ ବ୍ୟବସ୍ଥା ହୋଇଛି । ବୈଷୟିକ ଶିକ୍ଷା ପାଇଁ ଚେତନା, ଟି.ସି.ଟି.ଭି.ଏଚ୍ ଓ ଭିନ୍ନକ୍ଷମଙ୍କ ଅନୁଷ୍ଠାନ ନାମକ ସଂସ୍ଥାକୁ ସରକାରୀ ସହାୟତା ଦିଆଯାଇଛି । ୧୧ଟି ଜିଲ୍ଲାର ବ୍ୟାଙ୍କମାନେ ୩୮୦୬ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଋଣ ଦେବା ପ୍ରକ୍ରିୟାରେ ଅଛନ୍ତି ।

**୬.୧୩. ସିଙ୍ଗିଲ ଓ୍ୱିଣ୍ଡୋ କ୍ୟାମ୍ପ :-** ବିବିଧ ସୁବିଧା ଯୋଗାଇଦେବା ପାଇଁ ବ୍ଲକ ସଦର ମହକୁମାରେ ସିଙ୍ଗିଲ ଓ୍ୱିଣ୍ଡୋ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇଥିବା ୧ ଲକ୍ଷ ୪୦ ହଜାର ଭିନ୍ନକ୍ଷମ ବ୍ୟକ୍ତି ନିମ୍ନମତେ ସୁବିଧା ପାଇଥିଲେ :-

(i) ଭିନ୍ନକ୍ଷମ ସାର୍ଟିଫିକେଟ୍ ଇସ୍ୟୁ ହୋଇଥିଲା - ୮୦୪୫୦

(ii) ଇନ୍‌କମ୍ ସାର୍ଟିଫିକେଟ୍ ଇସ୍ୟୁ ହୋଇଥିଲା - ୨୮୨୬୭

(iii) ପରିବହନ ରିହାତି ଦିଆଯାଇଥିଲା - ୪୮୪୧୭

(iv) ସହାୟକ ଯନ୍ତ୍ର/ ଉପକରଣ ବଣ୍ଟନ ହୋଇଥିଲା - ୧୪୧୦୧
(ଶ୍ରବଣ ଯନ୍ତ୍ର ବ୍ୟତୀତ)

(v) ଆତ୍ମ ନିଯୁକ୍ତି ପାଇଁ ବଛାହୋଇଥିଲେ - ୧୪୮୦୯

(vi) ଦକ୍ଷତା ତାଲିମ ପାଇଁ ବଛାହୋଇଥିଲେ - ୨୦୬୧

**୬.୧୪. ସଅଳ ଚିହ୍ନଟ ପାଇଁ ତାଲିମ୍ :-** ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର କର୍ମକର୍ତ୍ତା ମାନଙ୍କୁ ଭିନ୍ନକ୍ଷମ ଶିଶୁମାନଙ୍କୁ ସଅଳ ଚିହ୍ନଟକରି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିବାରଣ ମୂଳକ ଚିକିତ୍ସା ପାଇଁ ପଠାଇବା ପାଇଁ ତାଲିମ୍ ଦିଆଯାଉଛି । ପ୍ରଥମେ ପ୍ରଶିକ୍ଷକଙ୍କୁ ତାଲିମ ଦିଆଯାଉଛି, ଯଦ୍ୱାରା ସେମାନେ ଅଙ୍ଗନଓ୍ୱାଡ଼ି କର୍ମୀମାନଙ୍କୁ ଭିନ୍ନକ୍ଷମ ଚିହ୍ନଟ କରିବାପାଇଁ ତାଲିମ ଦେଇପାରିବେ । ୨୨ ଗୋଟି ଅଙ୍ଗନଓ୍ୱାଡ଼ି କର୍ମୀ ତାଲିମ କେନ୍ଦ୍ରରେ ପ୍ରଶିକ୍ଷକ ମାନଙ୍କୁ ତାଲିମ ଦିଆଯାଇଛି । ବର୍ତ୍ତମାନସୁଦ୍ଧା ୮୦୦୦ ଅଙ୍ଗନଓ୍ୱାଡ଼ି କର୍ମୀ ତାଲିମ ପ୍ରାପ୍ତ ହୋଇଛନ୍ତି ।

**୬.୧୫. ଜନ ସଚେତନତା ମୁଖ୍ୟ ଆରୋଗ୍ୟ :-** ସଅଳ ଚିହ୍ନଟ, ନିବାରଣ ଏବଂ ହସ୍ତକ୍ଷେପ ଦ୍ୱାରା ଭିନ୍ନକ୍ଷମ ମାନଙ୍କୁ ଥଇଥାନ କରିବାର ମୂଲ୍ୟ ଅନେକାଂଶରେ କମାଇ ଦିଆଯାଇପାରିବ । ଏହି ସଚେତନତା ପାଇଁ ଏହି ବିଭାଗ ହାଣ୍ଡବୁକ୍ ଅନ୍ ଡ଼ିଜାବିଲିଟ୍ ନାମକ ପୁସ୍ତିକା ପ୍ରକାଶ କରିଛି । ଏହି ବହିରେ ଭିନ୍ନକ୍ଷମତାର କାରଣ, ଲକ୍ଷଣ, ଚିହ୍ନଟ ଓ ପରାମର୍ଶ ସମ୍ପର୍କରେ ସୂଚନା ଦିଆଯାଇଛି ।

**୬.୧୬. ୭ଟି ଅଧିକ ଉଚ୍ଚ ବିଦ୍ୟାଳୟ :-** ରାଜ୍ୟର ୨ଟି ଉଚ୍ଚ ବିଦ୍ୟାଳୟ ୧୧୫ଟି ଅନୁଦାନ ପ୍ରାପ୍ତ ସ୍ୱତନ୍ତ୍ର ବିଦ୍ୟାଳୟର ୬ ହଜାର ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ଦେବାପାଇଁ ଅସମର୍ଥ । ତେଣୁ ୭ଟି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ସରକାର ବିଚାର କରୁଛନ୍ତି ।

**୬.୧୭. ବେସରକାରୀ ନିଯୁକ୍ତିଦାତାଙ୍କୁ ପ୍ରୋତ୍ସାହନ :-** ଘରୋଇ କ୍ଷେତ୍ରରେ ଭିନ୍ନକ୍ଷମ ମାନଙ୍କୁ ନିଯୁକ୍ତି ସୁବିଧା ଦେବାପାଇଁ ଶ୍ରମ ଓ ନିୟୋଜନ ବିଭାଗ ସଚିବଙ୍କ ଅଧକ୍ଷତାରେ ଗୋଟିଏ କମିଟି ଗଠିତ ହୋଇଛି। ଏହି କମିଟି ପ୍ରୋତ୍ସାହନ ଯୋଜନାର ଅଗ୍ରଗତି ତନଖି କରିବେ । ତା.୧.୪.୨୦୦୮ ରିଖରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ୨୫ ହଜାର ଟଙ୍କା ଯାଏଁ ମାସିକ ଦରମା ପାଉଥିବା ଭିନ୍ନକ୍ଷମ

କର୍ମଚାରୀଙ୍କର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଓ କର୍ମଚାରୀ ରାଜ୍ୟବୀମା ନିଗମ ଅଂଶଧନ ସରକାର ୩ବର୍ଷ ଯାଏଁ ପ୍ରଦାନ କରିବେ ।

**୬.୧୮. ଭ୍ରାମ୍ୟମାଣ ରୋଜଗାର :-** ଭିନ୍ନକ୍ଷମ ମାନଙ୍କୁ ଲାଭଜନକ ନିଯୁକ୍ତି ଯୋଗାଇଦେବାପାଇଁ ବିଭାଗ ୯୬୬ ଜଣଙ୍କୁ ପି.ସି.ଓ କମ୍ ମୋବାଇଲ୍ କିଓସ୍କ ଯୋଗାଇଦେବାକୁ ଚିନ୍ତାକରୁଛନ୍ତି ।

**୬.୧୯. ରାଜ୍ୟ ରାଜଧାନୀକୁ ଭିନ୍ନକ୍ଷମପ୍ରିୟ କରିବା :-** ଭୁବନେଶ୍ୱରକୁ ଭିନ୍ନକ୍ଷମପ୍ରିୟ କରିବା ପାଇଁ ପୂର୍ତ୍ତ ବିଭାଗ ବଜେଟ୍‌ରେ ୧କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଏହି ଅର୍ଥରେ ନିର୍ବାହୀ ଯନ୍ତ୍ରୀମାନେ ସରକାରୀ କୋଠାଗୁଡ଼ିକ ଭିନ୍ନକ୍ଷମଙ୍କ ଯାତାୟତ ସୁବିଧାପାଇଁ ବ୍ୟବସ୍ଥା କରିବେ ।